ବର୍ଷ-୨୬, ସଂଖ୍ୟା-୧୦୮
ଭୁବନେଶ୍ୱର
୨୧, ଏପ୍ରିଲ୍ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.୧୦୮
Bhubaneswar
21 April, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ତାଳଚେରର ବିଶ୍ୱର ଦ୍ୱିତୀୟ ଉତ୍ତପ୍ତ ସହର

ଭୁବନେଶ୍ୱର,୨୧।୪(ମହାଭରତ) : ଭାରତରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ହିଟ ୱେଭର ପେଣ୍ଟସ୍ଥଳ ପାଲଟିଛି ଭାରତ। ବିଶ୍ୱର ୨୦ ଉତ୍ତପ୍ତ ସହର ମଧ୍ୟରେ ରହିଛି ଭାରତର ୧୯ଟି ସ୍ଥାନ। ଇଛଓ.ସଭ ପକ୍ଷରୁ ଜାରି ତଥ୍ୟ ଅନୁସାରେ, ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ତୁଳନାରେ ଭାରତର ଅଧିକାଂଶ ସ୍ଥାନରେ ପ୍ରଚଣ୍ଡ ଖରା ଅନୁଭୂତ ହେଉଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।ହିଟ ୱେଭ ସ୍ଥିତି ଆଗାମୀ ୪ ଦିନ ପାଇଁ ଜାରି ରହିବ ବୋଲି ଏହି ସଂସ୍ଥା ଆକଳନ କରିଛି। ଲୋକଙ୍କୁ ଆସନ୍ତା ଏପ୍ରିଲ ୨୫ ଯାଏ ତାତିରୁ କୌଣସି ପ୍ରକାରର ନିସ୍ତାର ମିଳିବାର ସମ୍ଭାବନା ନାହିଁ। ସର୍ବାଧିକ ତାପମାତ୍ରା ଯେତେବେଳେ ୪୦ ଡିଗ୍ରୀ ଅତିକ୍ରମ କରିବ ସେତେବେଳେ ହିଟ ୱେଭ ସ୍ଥିତି ଘୋଷଣା କରାଯାଏ। ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ତାଲିକାରେ ବିହାର, ଓଡିଶା, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶର ଅନେକ ସ୍ଥାନ ରହିଛି। ଏହି ସବୁ ରାଜ୍ୟରେ ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ବିହାରର ଭାଗଲପୁର, ଓଡିଶାର ତାଳଚେର ଓ ପଶ୍ଚିମବଙ୍ଗର ଆସନସୋଲ ଆଜି ବିଶ୍ୱର ଟପ୍ ୩ ଉତ୍ତପ୍ତ ସହର ବନିଛନ୍ତି।ଏହି ୩ ସହରରେ ତାମପାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ତାଲିକାର ୧ନଂରେ ଭାଗଲପୁର, ଦୁଇ ନମ୍ବରରେ ତାଳଚେର ଓ ୩ନଂରେ ଆସନସୋଲ ରହିଛି। ଉତ୍ତପ୍ତ ସହର ତାଲିକା ୧୦ ନମ୍ବରରେ ଓଡିଶାର ଆଉ ଏକ ସ୍ଥାନ ବଲାଙ୍ଗିର ବି ରହିଛି। ଏଠାରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଛି।ଟପ ୨୦ ଉତ୍ତପ୍ତ ସହର ମଧ୍ୟରେ ଭାରତର ୧୯ଟି ସହର ରହିଥିବା ବେଳେ ବାକି ଗୋଟିଏ ସ୍ଥାନରେ ରହିଛି ନେପାଳର ଲୁମ୍ବିନି। ଏଠାରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ଲୁମ୍ବିନି ଏକମାତ୍ର ଅଣ ଭାରତୀୟ ସହର ଭାବେ ଉତ୍ତପ୍ତ ସହର ତାଲିକାରେ ଅଛି। ଟପ ୨୦ ଉତ୍ତପ୍ତ ସହର ମଧ୍ୟରେ ବିହାରର ଅଧିକାଂଶ ସ୍ଥାନ ରହିଛି।

## ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୧।୩(ମହାଭରତ); ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡର ଅଧ୍ୟକ୍ଷ ରହିବେ ମୁଖ୍ୟ ଶାସନ ସଚିବ । ରାଜ୍ୟ ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ବିଭାଗର ସଚିବ ଏହାର ଉପାଧ୍ୟକ୍ଷ ରହିବେ। ଏହି ବିଭାଗର ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ସେହିପରି ବୋର୍ଡର ସଦସ୍ୟ ଭାବେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ବିଭାଗର ଅତିରିକ୍ତ ସଚିବ ସଦସ୍ୟ ରହିବେ।

ସେହିଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ପଞ୍ଚାୟତ ରାଜ୍ ଓ ପାନୀୟ ଜଳ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରୁ ସଦସ୍ୟ ଭାବେ ରହିବେ। ଏଥି ସହିତ ସଦସ୍ୟ ଭାବେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଡକ୍ଟରେଟ୍ ପାଇଥିବା ଦୀପ୍ତି ମହାପାତ୍ର ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କର୍ମୀ ସୌମ୍ୟ ଦାସ ରହିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାନ୍ସଜେଣ୍ଡର ସୁରକ୍ଷା ଟ୍ରଷ୍ଟ ଏବଂ ବାଲୁଗାଁ ସ୍ଥିତ ଚେତନା ସଂଗଠନର ଜଣେ ଲେଖାଏଁ ପ୍ରତିନିଧି ସଦସ୍ୟ ଭାବେ ରହିବେ। ଏମାନଙ୍କ ବ୍ୟତିତ ବଲାଙ୍ଗୀର, ଅନୁଗୋଳ ଏବଂ ଖୋର୍ଦ୍ଧାର ଜିଲାପାଳ ମାନେ ପର୍ଯ୍ୟାୟକ୍ରମେ ସଦସ୍ୟ ଭାବେ ସ୍ଥାନ ପାଇବେ। ସୂଚନା ଯୋଗ୍ୟ ଯେ, ୨୦୨୫ ମସିହା ମେ’ ୧୫ ତାରିଖରେ ମଧ୍ୟ କଲ୍ୟାଣ ବୋର୍ଡ ଗଠନ କରାଯାଇଥିଲା। ଏହାର କାର୍ଯ୍ୟକାଳ ତିନି ବର୍ଷ ରହିବ ବୋଲି କୁହାଯାଇଥିଲା। ବୋର୍ଡର ଅଧ୍ୟକ୍ଷ ଥିଲେ ବିଭାଗୀୟ ମନ୍ତ୍ରୀ। କିନ୍ତୁ ମାତ୍ର ଗୋଟିଏ ବର୍ଷ ଭିତରେ ବୋର୍ଡର ପୁର୍ନଗଠନ କରାଯାଇଛି।

# ଓଡ଼ିଶାର ସଂସ୍କୃତି ଓ ପରମ୍ପରା ମହାନ : ରାଷ୍ଟ୍ରପତି








ରାଉରକେଲା, ୨୧।୪(ମହାଭରତ): ଓଡ଼ିଶାରେ ରାଷ୍ଟ୍ରପତି ଦୌପଦ୍ରୀ ମୁର୍ମୁ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପ୍ରଥମ ଝାରସୁଗୁଡ଼ାରେ ଆସି ପହଞ୍ଚିଥିଲେ ରାଷ୍ଟ୍ରପତି। ଏହାପରେ ବାୟୁସେନାର ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚିଛନ୍ତି। ଏହାପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି।

ମହାମହିମାଙ୍କ ସାଥୀରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ,କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ। ଦେଶାତ୍ମକ ସଂଗୀତ ସହ ସାନ୍ତାଳୀ, କରମା, ସମ୍ବଲପୁରୀ ଓ ଓଡିଶୀ ନାଚରେ ୨୫୦୦ ଛାତ୍ରଛାତ୍ରୀ କରିଥିଲେ ଭବ୍ୟ ସ୍ୱାଗତ। ଦର୍ଶକମାନଙ୍କ ତାଳିରେ କମ୍ପିଥିଲା ପୁରା ସଭାମଞ୍ଚ। ପରେ ରାଷ୍ଟ୍ରପତି ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ଭେଟିଲେ। ଛାତ୍ରଛାତ୍ରୀଙ୍କ ସହ ଫଟୋ ଉଠାଇବା ସହ ହାତ ମିଳାଇଥିଲେ।

ରାଉରକେଲା ରାଷ୍ଟ୍ରପତି ଜନସଭାରେ କହିଛନ୍ତି ଯେ, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ମହାନ। ସୁନ୍ଦରଗଡ଼ର କଳା ସଂସ୍କୃତି ଓଡ଼ିଶାକୁ ପରିପୂର୍ଣ୍ଣ କରିଛି। ସୁନ୍ଦରଗଡ଼ କେବଳ ସଂସ୍କୃତି ପାଇଁ ସଂଗ୍ରାମ ପାଇଁ ବି ପରିଚିତ। ନିର୍ମଳ ମୁଣ୍ଡାଙ୍କ ସଂଗ୍ରାମ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ପରିବେଶ ପଥକୁ ନିର୍ମଳ ମୁଣ୍ଡାଙ୍କ ନାଁରେ ନାମିତ ଖୁସି କରିଛି। ହକିରେ ସୁନ୍ଦରଗଡ଼ ସାରା ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଦିଲ୍ଲୀପ ତିର୍କୀ, ଲାଜରୁସ ବାର୍ଲାଙ୍କ ପରି ଖେଳାଳି ଗୌରବ ବଢ଼ାଇଛନ୍ତି।

### ୧୫୮ କୋଟିର ୪ ପ୍ରକଳ୍ପ ଲୋକାର୍ପିତ

ଆଦିବାସୀ ଓ ମହିଳାଙ୍କ ବିକାଶକୁ ଗୁରୁତ୍ୱ ଦେଇ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀଙ୍କ ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଧିକରୁ ଅଧିକ ଏକଲବ୍ୟ ସ୍କୁଲମାନ ପ୍ରତିଷ୍ଠା କରାଯାଉଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଜନଜାତିଙ୍କ ପାଇଁ କାର୍ଯ୍ୟ କରୁଛି। ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କୁ ଆଗକୁ ନେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ରହିଛି।ସେହିପରି ରାଉରକେଲା ସଭାରେ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଷ୍ଟ୍ରପତି। ମହିଳାଙ୍କ ବିକାଶ ବିନା ବିକଶିତ ଭାରତ ସ୍ୱପ୍ନ ପୂରଣ ହୋଇପାରିବନି। ଓଡ଼ିଶାରେ କାର୍ଯ୍ୟ କରୁଥିବା ‘ସୁଭଦ୍ରା’ ଯୋଜନା ମହିଳାଙ୍କୁ ଆଗକୁ ନେବ। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ସାମଗ୍ରୀ ଓ ଖାଦ୍ୟ ପ୍ରଦର୍ଶିତ ଷ୍ଟଲ ଗୁଡିକ ବୁଲି ଦେଖିଥିଲେ। ମହିଳା ଏସଏଚ୍‌ଜି ଗ୍ରୁପ ମହିଳାମାନଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ। ରାଷ୍ଟ୍ରପତି ପ୍ରାୟ ୧୫୮ କୋଟି ଟଙ୍କା ବ୍ୟୟଅଟକଳରେ ଚାରିଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥି ମଧ୍ୟରେ ୪୮ କୋଟିର ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର, ୪୦ କୋଟିର ଆଦିବାସୀ ସଂଗ୍ରହାଳୟ, ୪୨.୪୪ କୋଟିର ନିର୍ମଳ ମୁଣ୍ଡା ପ୍ରବେଶ ପଥ ଓ ୨୭ କୋଟିର ବିଜ୍ଞାନ ପାର୍କ ଓ ପ୍ଲାନେଟାରିୟମ୍ ରହିଛି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଜୟ ଜଗନ୍ନାଥ ! ଆଜି ଏକ ଐତିହାସିକ ଦିନ । ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ଦିନ । ଭାରତର ପ୍ରଥମ ନାଗରିକ, ଆମ ମାଟିର ଗୌରବ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟା ଆଜି ଇସ୍ପାତ ସହର ରାଉରକେଲାରେ ଆମ ଗହଣରେ ଉପସ୍ଥିତ ଅଛନ୍ତି । ଆଧୁନିକ ଶିଳ୍ପ ବିପ୍ଳବର ପ୍ରାଣକେନ୍ଦ୍ର ସାଜିଥିବା ଇସ୍ପାତ ନଗରୀ ପାଇଁ ଅନେକ ଗୁଡିଏ ବିକାଶ ମୂଳକ ପ୍ରକଳ୍ପ ରାଷ୍ଟ୍ରପତିଙ୍କ ଦ୍ୱାରା ଶୁଭାରମ୍ଭ ହେବ। ଓଡିଶାର ମିନି ଇଣ୍ଡିଆ କୁହାଯାଉଥିବା ଏହି ରାଉରକେଲା ସହରକୁ ମୁଁ ରାଷ୍ଟ୍ରପତି ମହୋଦୟାଙ୍କୁ ଓଡିଶାବାସୀଙ୍କ ତରଫରୁ ସ୍ୱାଗତ କରୁଛି ଏବଂ ମୋର ହୃଦୟରୁ କୃତଜ୍ଞତା ଜଣାଉଛି । ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ । ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର । ରାଉରକେଲା Steel Plant ସାରା ଦେଶରେ ସୁନାମ ଅର୍ଜନ କରିଛି । ଏହି ସହର ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି, ସୁଯୋଗ ଏବଂ ପରିଚୟ ଦେଇଛି । ଏହା ସହିତ, ରାଉରକେଲା ତା’ର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷ କରି ହକି ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି । ଆଜି ରାଷ୍ଟ୍ରପତି ମହୋଦୟାଙ୍କ କରକମଳରେ ପ୍ରାୟ ୪୮ କୋଟିଟଙ୍କା ବ୍ୟୟରେ Integrated Command and Control Centre (ICCC) ଉଦ୍ଘାଟନ ହେବ ।

# ୧୧ ଜିଲ୍ଲାରେ ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ, ୩୮୭୭ କୋଟି ଟଙ୍କା ନିବେଶ

ଭୁବନେଶ୍ୱର, ୨୧।୪ : ରାଜ୍ୟର ୧୧ ଜିଲ୍ଲାରେ ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ। ୩୮୭୭ କୋଟି ଟଙ୍କା ହେବ ନିବେଶ । ୭୫୬୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୪୬ ତମ ବୈଠକରେ ଏହି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବୈ?ଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରକଳ୍ପଗୁଡିକ ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଭଳି ୧୧ ଟି ଜିଲ୍ଲାରେ ହେବ । ଅନୁମୋଦନ ମିଳିଥିବା ପ୍ରକଳ୍ପଗୁଡ଼ିକ ଉନ୍ନତ ଉତ୍ପାଦନ, ସବୁଜ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଏବଂ ପର୍ଯ୍ୟଟନ ଇକୋ ସିଷ୍ଟମ ସହିତ ଜଡିତ ରହିଛି ।




ରୁନାୟା ଏକ୍ସାର୍ଟ ଆଲୁମିନିୟମ ପାଉଡର ପ୍ରାଇଭେଟ୍ ଲିମିଟେଡ୍ ଏକ ଆଲୁମିନିୟମ୍ ଡାଇନଷ୍ଟ୍ରିମ୍ ଉତ୍ପାଦନ ସ୍ଥାପନ କରିବ। ଏହି ପ୍ରକଳ୍ପ ଝାରସୁଗୁଡ଼ା ଜିଲ୍ଲାରେ ୩୦୦ କୋଟି ଟଙ୍କା ନିବେଶରେ ହେବ। ଯାହା ୫୦୦ ନିଯୁକ୍ତି ସୃଷ୍ଟି କରିବ । ସେହିପରି ଧାତବ ଇକା ସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍କାନ ଷ୍ଟିଲ୍ ଲିମିଟେଡ୍, ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲି. ଏବଂ ଏସ୍ ଏସ୍ ଆଲୁଫଏକ୍ସ ଲିମିଟେଡ୍ ଇସ୍ପାତ, ଲୌହ ଏବଂ ଫେରୋ-ଆଲୟ ଉତ୍ପାଦନ କ୍ଷମତା ବୃଦ୍ଧି କରିବେ। ଯାହା ଓଡ଼ିଶାକୁ ଭାରତର ପ୍ରମୁଖ ଧାତୁ ଉତ୍ପାଦନ କେନ୍ଦ୍ର ଭାବେ ସୁଦୃଢ କରିବା ସହିତ ଶିଳ୍ପ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଏହି ପ୍ରକଳ୍ପ ସୁନ୍ଦରଗଡ଼ ଜିଲ୍ଲାରେ ୫୦୩.୬୮ କୋଟି ଟଙ୍କା ନିବେଶ କରିବ। ଯାହା ୫୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି । ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍ ଝାରସୁଗୁଡାରେ ଏକ ବିସ୍ଫ ?ାରକ ଉତ୍ପାଦନ ସ୍ଥାପନ କରିବ । ଏହି ପ୍ରକଳ୍ପ ଦ୍ୱାରା ଦେବଗଡ ଜିଲ୍ଲାରେ ୨୧୦.୧୦ କୋଟି ଟଙ୍କା ନିବେଶ ସହ ୯୧୦ ନିଯୁକ୍ତି ଲକ୍ଷ୍ୟ ରହିଛି । ଏନଭାୟର ଇଲେକ୍‌ଟ୍ରୋଡାଇନ୍ ଲିମିଟେଡ୍ ଖୋର୍ଦ୍ଧାରେ ୧୩୬.୮୭ କୋଟି ଟଙ୍କା ନିବେଶରେ ୩୨୬ ନିଯୁକ୍ତି ଲକ୍ଷ୍ୟ ରଖି ଏକ ଇଏସଡିଏମ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ।

ସେହିପରି ହାର୍ମନ୍ ଫିନୋକେମ୍ ଲିମିଟେଡ୍ ଗୋପାଳପୁର, ଗଞ୍ଜାମରେ ୫୩୦ କୋଟି ନିବେଶରେ ଏକ ଔଷଧ ଉତ୍ପାଦନକାରୀ ୟୁନିଟ ସ୍ଥାପନ କରିବ । ଏଥିରେ ୯୦୦ ନିଯୁକ୍ତି ସୃଷ୍ଟି ହେବ। ଆମ୍ଫିଟେକ୍ ହେଲଥ କେୟାର୍ ପ୍ରାଇଭେଟ୍ ଲିମିଟେଡ ଖୋର୍ଦ୍ଧାରେ ୫୧ କୋଟି ଟଙ୍କା ନିବେଶରେ ଏକ ଚିକିତ୍ସା ଉପକରଣ ଉତ୍ପାଦନ ପ୍ରକଳ୍ପ କରିବ । ଏଥିରେ ୩୬୯ ନିଯୁକ୍ତି ସୃଷ୍ଟି ହେବ। ଖୋର୍ଦ୍ଧାଠାରେ ସାଉଥ ବ୍ଲକ୍ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ ପ୍ଲାଷ୍ଟିକ୍ ଏବଂ ଧାତୁ ଉତ୍ପାଦନର ପୁନଃଚକ୍ରଣ ପ୍ରକଳ୍ପ ସ୍ଥାପନ କରିବ। ୧୧୧.୬୪ କୋଟି ଟଙ୍କା ନିବେଶ କରିବା ସହ ୧୨୦ ନିଯୁକ୍ତି ସୃଷ୍ଟି ହେବ । ତାମିଲନାଡୁ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଲସ୍ ମାଇନିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଝାରସୁଗୁଡା ଜିଲ୍ଲାରେ ଯଥାକ୍ରମେ ୧୧୩.୪୦ କୋଟି ଏବଂ ୫୨ କୋଟି ଟଙ୍କା ନିବେଶରେ ପ୍ରକଳ୍ପ ନିର୍ମାଣ କରିବେ। ବାଲେଶ୍ୱର ସିପ୍ ୟାର୍ଡ ଏବଂ ଇନ୍ଫ୍ରା ପ୍ରା. ଲିମିଟେଡ୍ ବାଲେଶ୍ୱରରେ ଜାହାଜ ନିର୍ମାଣ ଓ ମରାମତି ଏବଂ ଯାନ୍ତ୍ରିକ ଭାସମାନ ଲେସେଲ୍ସ ନିର୍ମାଣ କରିବ। । ଏହି ପ୍ରକଳ୍ପରେ ୧୫୦ କୋଟି ନିବେଶ କରିବ। ଏହା ଦ୍ୱାରା ୬୦୦ ନିଯୁକ୍ତି ଲକ୍ଷ୍ୟ ରହିଛି ।

ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ ନିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ସମ୍ବଲପୁରରେ ଜାସ୍ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧାରେ ରଥ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍, କେନ୍ଦୁଝରରେ କେନ୍ଦୁଝର ଲିଗାଲ୍ ପାରାଡାଇଜ୍ ପ୍ରାଇଭେଟ୍ ଲିମିଟେଡ୍, ପୁରୀରେ କାୟନ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍, କୋରାପୁଟରେ ସୂର୍ଯ୍ୟ ଇକୋ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପୁରୀରେ ଚତୁର୍ଭୁଜ ହୋଟେଲ୍ ଏବଂ ରିସର୍ଟ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୬ଟି ନୂତନ ଆତିଥ୍ୟ ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ତାରକା ବିଶିଷ୍ଟ ହୋଟେଲ ଏବଂ ରିସୋର୍ଟ ସ୍ଥାପିତ ହେବ । ଏସବୁ ପ୍ରକଳ୍ପରେ ୭୦୦ କୋଟିରୁ ଉର୍ଦ୍ଧ୍ୱ ନିବେଶରେ ପ୍ରାୟ ୧୨୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ।

## ପ୍ରୋଟୋକଲ ଭାଙ୍ଗିଲେ ରାଷ୍ଟ୍ରପତି

ରାଉରକେଲା, ୨୧।୪(ମହାଭାରତ): ଜଣେ ସାଧାରଣ ଜନତାର ପରିଚୟ ଦେଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ମୁଣ୍ଡଫଟା ଖରାକୁ ଖାତିର ନକରି ଜନସାଧାରଣଙ୍କ ଗହଳି ଭିତରେ କିଛି କ୍ଷଣ ବିତାଇଛନ୍ତି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମଲହରୀ ଜାରି ଥିବା ବେଳେ ସେ ଯେତେବେଳେ ରାଉରକେଲାର ଏକ ରାଜରାସ୍ତାରେ ଯାଉଥିଲେ ଶୀତତାପ ନିୟନ୍ତ୍ରିତ କାର୍‌ରୁ ଓହ୍ଲାଇ ଜନସାଧାରଣଙ୍କୁ



ଭେଟିଛନ୍ତି। ସାଧାରଣ ଜନତାଙ୍କ ଆଶାକୁ ଦ୍ୱିଗୁଣିତ କରିଛନ୍ତି। ଜନସାଧାରଣଙ୍କୁ ସେ ନିରାଶ କରି ନାହାନ୍ତି। ଆଜି ଅପରାହ୍ନରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଉରକେଲାର ଜନସାଧାରଣଙ୍କର ମୁହଁରେ ଗୋଟିଏ କଥା ଯେ, ଯାହା ହେଲେ ବି ସେ ଓଡିଆ ଝିଅ ତ... ଓଡିଶାର ଲୋକଙ୍କ ପାଇଁ ତାଙ୍କର ବିଶାଳ ହୃଦୟ ରହିଛି। ସୁନ୍ଦରଗଡ ଜିଲ୍ଲା ପାନପୋଷ ସରକାରୀ କଲେଜ ପାର୍ଶ୍ୱ ରାଉରକେଲା ଜନଜାତି ସଂଗ୍ରହାଳୟ ଉଦ୍ ?ଘାଟନୀ କାର୍ଯ୍ୟକ୍ରମସ୍ଥଳକୁ ଯିବାବେଳେ ହନୁମାନ ବଟିକା ଛକରେ ପ୍ରୋଟୋକଲ ଭାଙ୍ଗିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ୪୪ ଡିଗ୍ରି ତାତିରେ ଗାଡିରୁ ଓହ୍ଲାଇ ସିଧାସଳଖ ଲୋକଙ୍କ ସହ ମିଶିଛନ୍ତି। ତାଙ୍କର ଟିକେ ଝଲକ ପାଇବାକୁ ଅସହ୍ୟ ତାତିରେ ଅପେକ୍ଷା କରିଥିବା କିଛି ଲୋକଙ୍କ ସହ ମଧ୍ୟ ମିଳାଇଲେ । କିଛି ଛୋଟ ପିଲାଙ୍କୁ ଚକୋଲେଟ ଦେଇଛନ୍ତିକ୍ଷ ଭାରତ ମାତା କି ଜୟ, ବନ୍ଦେ ମାତରମ, ମହାମହିମ କି ଜୟ ନାରାରେ କମ୍ପି ଥିଲା ସ୍ଥାନୀୟ ଅଞ୍ଚଳ।

# ୟୁପି ନିର୍ବାଚନରେ ଏସ୍‌ପି-କଂଗ୍ରେସ ମେଣ୍ଟ

ଲକ୍ଷ୍ନୌ (ମହାଭାରତ): ଉତ୍ତର ପ୍ରଦେଶର ରାଜନୈତିକ ଦୃଶ୍ୟପଟ ୨୦୨୭ ପାଇଁ ସ୍ଥିର ହୋଇସାରିଛି। ସମାଜବାଦୀ ପାର୍ଟି (ଏସ୍ ?ପି) ମୁଖ୍ୟ ଅଖିଳେଶ ଯାଦବ ଆଗାମୀ ସମୟରେ ରାଜ୍ୟର ରାଜନୀତି କେଉଁ ଦିଗକୁ ନେବ ତାହା ସ୍ପଷ୍ଟ କରିଦେଇଛନ୍ତି। ଅଖିଳେଶ ମଧ୍ୟ ମେଣ୍ଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ହରିୟାଣାର ରେୱାଡ଼ିରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଖିଳେଶ ଯାଦବ ଦଳର ବିଜୟ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରି ଦିଲ୍ଲୀରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ରାଜନୈତିକ ବିତର୍କକୁ ମଧ୍ୟ ଦୋହଲାଇ ଦେଇଛନ୍ତି।

ବିରୋଧୀ ଏକତାକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ସମୟରେ ମେଣ୍ଟ ସମ୍ପର୍କରେ ତାଙ୍କର ବଡ ମନ୍ତବ୍ୟ ଆସିଛି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ସମାଜବାଦୀ ପାର୍ଟି ଆସନ୍ତା ବର୍ଷ ନିର୍ବାଚନ ପରେ ଉତ୍ତର ପ୍ରଦେଶରେ କ୍ଷମତାକୁ ଏକ ବଡ଼ ପ୍ରତ୍ୟାବର୍ତ୍ତନ କରିବ। ସେ ବିଜେପିକୁ ସମାଲୋଚନା କରିବା ସହିତ ପଶ୍ଚିମବଙ୍ଗ ସମେତ ବର୍ତ୍ତମାନ ବିଧାନସଭା ନିର୍ବାଚନ ହେଉଥିବା ସମସ୍ତ ରାଜ୍ୟରେ ଏକ ଦଳର ବଡ଼ ଧରଣର ପରାଜୟ ପୂର୍ବାନୁମାନ କରିଛନ୍ତି।ମେଣ୍ଟର ଭବିଷ୍ୟତ ବିଷୟରେ ନେଇ ବାରମ୍ବାର ହେଉଥିବା ବିତର୍କର ଅନ୍ତ ଘଟାଇ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇଣ୍ଡିଆ ମେଣ୍ଟ ଏକଜୁଟ ରହିବ। କଂଗ୍ରେସ ସହିତ ଏସ୍ ?ପି ମେଣ୍ଟ କରି ନିର୍ବାଚନ ଲଢ଼ିବ। ମେଣ୍ଟରେ ଆସନ ଭାଗବଣ୍ଟା ଅପେକ୍ଷା ପ୍ରାର୍ଥୀଙ୍କ ଜିତିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ସ୍ପଷ୍ଟ କରିଛନ୍ତି, ଟିକେଟ ପ୍ରଦାନର ଆଧାର କେବଳ ପ୍ରାର୍ଥୀଙ୍କ ଜିତିବା କ୍ଷମତା ହେବ। ଏହା ସୂଚିତ କରିଛି ଯେ, ବିରୋଧୀ ଦଳ ଆଗାମୀ ନିର୍ବାଚନରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ଏଡାଇ କେବଳ ବିଜୟ ଲକ୍ଷ୍ୟ ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଲକ୍ଷ୍ନୌରେ ଦଳୀୟ ମୁଖ୍ୟାଳୟରେ ଭାଷଣରେ, ଅଖିଳେଶ ଯାଦବ ବିଜେପିର କାର୍ଯ୍ୟଶୈଳୀକୁ ଟାର୍ଗେଟ କରି କହିଥିଲେ ଯେ, ବିଜେପି ଶାସକ ଦଳର ବିଭାଜନ କରିବା ପୁରୁଣା ରଣନୀତି ଉପରେ କାର୍ଯ୍ୟ ଜାରି ରଖିଛି। ବିଜେପି ପ୍ରଥମେ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବୀଜ ବୁଣେ ଏବଂ ପରେ ସେମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ପରସ୍ପର ବିରୋଧରେ ଠିଆ କରାଉଛି।

## ଆଜି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୨୧।୪(ମହାଭାରତ): ଆସନ୍ତାକାଲି ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ବୈଠକ ଆୟୋଜିତ ହେବ। ବୈଠକରେ ରାଜ୍ୟର ଅନେକ ଜରୁରୀ ପ୍ରସ୍ତାବ ଉପରେ ଚର୍ଚ୍ଚା ସହ ମୋହର ପଡ଼ିବା ନେଇ ସମ୍ଭାବନା ରହିଛି। ବିଶେଷକରି ବିଭିନ୍ନ ବିଭାଗର ନୀତିଗତ ନିଷ୍ପତ୍ତି ଓ ନୂତନ ପରିକଳ୍ପନାଗୁଡ଼ିକୁ ନେଇ ଆଲୋଚନା ହେବ ବୋଲି ସୂଚନା ମିଳିଛି।ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସହିତ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ସଚିବମାନେ ଉପସ୍ଥିତ ରହିବେ। ଯଦିଓ କ୍ୟାବିନେଟ୍ ?ର ଏଜେଣ୍ଡା ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରକାଶ ପାଇନାହିଁ, ତଥାପି ୪ରୁ ୫ଟି ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଉପରେ ଅନୁମୋଦନ ମିଳିବାର ସମ୍ଭାବନା ରହିଛି।

## ମାଲକାନଗିରି ଓ ଗଜପତିରେ ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର,୨୧।୪(ମହାଭାରତ): ମାଲକାନଗିରିରେ ଆସନ୍ତା ୪ ଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସବୁ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା ହୋଇଛି। ୨୨,୨୩, ୨୪ ଓ ୨୫ ତାରିଖରେ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ନିର୍ଦ୍ଦେଶ ହୋଇଛି। ହେଲେ ପଞ୍ଚମ ଓ ଅଷ୍ଟମ ସପ୍ଲିମେଣ୍ଟାରୀ ପରୀକ୍ଷା ଜାରି ରହିବ। ଅନ୍ୟ ବୋର୍ଡ ପରୀକ୍ଷା ଓ ଜନଗଣନା ମଧ୍ୟ ଚାଲିବ। ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ସକାଳ ସାଢେ ୬ଟାରୁ ୧୦ଟା ୩୦ ଯାଏ ସ୍କୁଲ ଖୋଲା ରହିବ। ସେହିପରି ଗଜପତି ଜିଲ୍ଲାରେ ସବୁ ସ୍କୁଲ୍ ଆସନ୍ତା ୩ ଦିନ ଛୁଟି ଘୋଷଣା ହୋଇଛି। ଆସନ୍ତାକାଲି ୨୨ରୁ ୨୪ ତାରିଖ ଯାଏଁ ସବୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ପ୍ରବଳ ଖରା ଓ ହିଟ୍ ?ୱେଭକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩ଦିନ ଶିଶୁବାଟିକାରୁ ଦ୍ୱାଦଶ ଶ୍ରେଣୀ ଯାଏ ସବୁ ସ୍କୁଲ ଛୁଟି ରହିବ। ପୂର୍ବନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ଆବଦ୍ଧ ହେଲେ ପ୍ରାୟ ୧,୦୦୦ ଦମ୍ପତି

ଭୁବନେଶ୍ୱର,୨୧।୪(ମହାଭାରତ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତରେ ମଙ୍ଗଳବାର ଓଡ଼ିଶାର ୨୭ଟି ଜିଲ୍ଲାରେ ସାମୂହିକ ବିବାହ ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଟିଏ ଦିନରେ ପ୍ରାୟ ୧,୦୦୦ ଦମ୍ପତି ବିବାହ ବନ୍ଧନରେ ଆବଦ୍ଧ ହୋଇଛି। ଏଥିସହ ମହିଳା ଓ ଶିଶୁ ବିକାଶ ବିଭାଗ ସମଗ୍ର ରାଜ୍ୟରେ ଏକ ଐତିହାସିକ ସଫଳତା ହାସଲ କରିଛି।

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥାର ମିଳିତ ଆନୁକୂଲ୍ୟରେ ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ, ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ୫୬ ନବଦମ୍ପତିମାନଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାଲେଶ୍ୱରର ଏହି ଗରିମାମୟ ମାଟିରେ ୫୦ରୁ ଅଧିକ ଦମ୍ପତିଙ୍କର ବିବାହ ବନ୍ଧନରେ ଆବଦ୍ଧ ହେବା ଅତ୍ୟନ୍ତ ଆନନ୍ଦର ବିଷୟ । ସମାଜରୁ ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ଭଳି କୁସଂସ୍କାରକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଅଭିଭାବକ ଓ ଯୁବପିଢ଼ିଙ୍କୁ ସେ ଆହ୍ୱାନ ଦେଇଛନ୍ତି ।

ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସମେତ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତଥା ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ବର-କନ୍ୟାଙ୍କୁ ଆଶୀର୍ବାଦ କରିଥିଲେ ।




ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଅଭାବ କିମ୍ବା ସାମାଜିକ ଚାପ ଯୋଗୁଁ କନ୍ୟାଙ୍କ ବିବାହ ପାଇଁ କଷ୍ଟ ସହୁଥିବା ପରିବାରକୁ ସହାୟତା ପ୍ରଦାନ କରିବା । ଏହି ଯୋଜନା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କ ପାଇଁ ମୋଟ ୬୦,୦୦୦ ଟଙ୍କାର ବ୍ୟବସ୍ଥା ରହିଛି । ସେଥିମଧ୍ୟରୁ ୪୫,୦୦୦ ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଉଇଞ୍ଜ ମାଧ୍ୟମରେ ପ୍ରଦାନ କରାଯାଉଥିବା ବେଳେ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ପାଇଁ ଖର୍ଚ୍ଚ କରାଯାଉଛି ।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:**ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରଷୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରଷୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।




### ଖବର

## ୧୦୦ କୋଟି କ୍ଲବରେ ସାମିଲ ହେଲା ଅକ୍ଷୟ କୁମାରଙ୍କ ଫିଲ୍ମ 'ଭୂତ ବଙ୍ଗଳା'



ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଭୂତ ବଙ୍ଗଳା' କମାଲ୍ କରୁଛି । ଅକ୍ଷୟ କୁମାର ଏବଂ ଭାମିକା ଗବ୍ବି ଷ୍ଟାରର୍ ଏହି ହରର-କମେଡି ଫିଲ୍ମ ଜବରଦସ୍ତ ଓପନିଂ କରିଛି । ଫିଲ୍ମଟି ରଣବୀର ସିଂଙ୍କ ଧୁରନ୍ଧରକୁ କଡ଼ା ଟକ୍କର ଦେଇଛି ।'ଭୂତ ବଙ୍ଗଳା' ସାରା ବିଶ୍ୱରେ ୧୦୦ କୋଟି କ୍ଲବରେ ଏଣ୍ଟ୍ରି କରିଛି । ଫିଲ୍ମଟି ଭାରତରେ ୧୦,୯୮୪ ଶୋ'ରୁ ୬.୭୫ କୋଟି ନେଟ୍ ରୋଜଗାର କରିଛି । ଏହା ସହିତ, ଭାରତରେ ଚାରି ଦିନର ମୋଟ ନେଟ୍ କଲେକ୍ସନ ୬୪.୭୫ କୋଟି ଏବଂ ମୋଟ ଆୟ ୭୭.୩୪ କୋଟିରେ ପହଞ୍ଚିଛି ।ବିଦେଶରେ ଫିଲ୍ମଟି ଚତୁର୍ଥ ଦିନରେ ୨.୫୦ କୋଟି ରୋଜଗାର କରିଛି, ଯାହା ଫଳରେ ଏହାର ମୋଟ ବିଦେଶ ଆୟ ୨୯.୦୦ କୋଟିରେ ପହଞ୍ଚିଛି। ଏହା ସହିତ ବିଶ୍ୱବ୍ୟାପୀ ଫିଲ୍ମର ମୋଟ ଆୟ ୧୦୬.୩୪ କୋଟିରେ ପହଞ୍ଚିଛି ।ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ 'ଭୂତ ବଙ୍ଗଳା' ରେ ଅକ୍ଷୟ କୁମାର ଏବଂ ୱାମିକା ଗବ୍ବି ମୁଖ୍ୟ ଭୂମିକାରେ ଅଛନ୍ତି ସେମାନଙ୍କ ସହିତ ପ୍ରମୁଖ ସହାୟକ ଭୂମିକାରେ ରାଜପାଲ ଯାଦବ, ଆସରାନି, ପରେଶ ରାୱଲ, ତବୁ ଏବଂ ମିଥିଲା ପାଲକର ଅଛନ୍ତି ।ଏହା ବ୍ୟତୀତ, ଫିଲ୍ମର ଟିଜର ଏବଂ ଟ୍ରେଲର ଉଭୟ ଦର୍ଶକଙ୍କଠାରୁ ପ୍ରେମ ଏବଂ ପ୍ରଶଂସା ପାଇ ସାରିଛନ୍ତି ।

## ରାଧାଙ୍କୁ କୃଷ୍ଣଙ୍କ ଉପହାର



କୃଷ୍ଣଙ୍କ ଗୋପଲୀଳା ବିଷୟରେ ତ ଅଳ୍ପ-ବହୁତ ଜ୍ଞାନ ନିଶ୍ଚୟ ଥିବ। ସାରା ଗୋପବାସୀଙ୍କୁ ନିଜର ସ୍ନେହରେ ବାନ୍ଧି ଦେବା ପରେ ଗୋପ ଛାଡ଼ି ମଥୁରା ଯିବା ବେଳେ କୃଷ୍ଣଙ୍କୁ ଝୁରି ଖାଲି ଗୋପବାସୀ କାହିଁକି, ଯମୁନା ଓ କଦମ୍ବ ବି ଲୁହ ଝରାଉଥିଲେ। ମାମୁ କଂସ ମଥୁରାରେ ଧନୁଯାତ୍ରା କରି କପଟରେ ଭଣଜା କୃଷ୍ଣଙ୍କୁ ଯାତ ଦେଖି ଯିବାକୁ ଡକାଇ ପଠାଇଥିଲେ। ମାମୁ ଡାକରା ପାଇବା ମାତ୍ରେ ଗୋପଛାଡ଼ି ମଥୁରା ଯିବାକୁ ପ୍ରସ୍ତୁତ ହେଉଥାନ୍ତି କୃଷ୍ଣ। କୃଷ୍ଣଙ୍କ ବହାରିବା ମାତ୍ରେ ସାରା ଗୋପବାସୀ କୃଷ୍ଣଙ୍କ ପଥ ଅବରୋଧ କରି ଅଟକାଇବାକୁ ଲାଗିଲେ। ମାତ୍ର ସେମାନଙ୍କ ମେଳରେ ରାଧା ନ ଥିଲେ। ରାଧାଙ୍କୁ ମନେ ମନେ ଖୋଜୁଥିଲେ ମୁରଲୀଧର। ଅଧାବାଟ ଯିବା ପରେ ବାଟରେ ଠିଆ ହୋଇଥିଲେ ରାଧା । ହାତରେ ଧରି ଥିଲେ ଅର୍ଘ୍ୟ ଥାଳି। କୃଷ୍ଣଙ୍କୁ ବନ୍ଦାପନା କରି ବିଦା ଦେବା ବେଳେ କୃଷ୍ଣ ରାଧାଙ୍କୁ କହିଲେ କି, ତୁମେ ମୋତେ ଅଟକାଇବନି ତ ରାଧେ ? ରାଧା ଯାହା କହିଥିଲେ କୃଷ୍ଣ ସେଥିରେ ଖୁବ୍ ଆନନ୍ଦିତ ହୋଇଥିଲେ। ରାଧା କହିଥିଲେ କି, "ସଂକୀର୍ଣ୍ଣ ସ୍ୱାର୍ଥଠାରୁ ସମୂହ ସ୍ୱାର୍ଥ ମହାନ ହୋଇଥାଏ। ମୋ ଖୁସି ପାଇଁ ମୁଁ ଜଗତ ମଙ୍ଗଳ ପାଇଁ ବାହାରୁଥିବା କୃଷ୍ଣଙ୍କୁ ଅଟକାଇବି ନାହିଁ। ଜଗତ କଲ୍ୟାଣ ପାଇଁ ଯାହାଙ୍କ ଜନ୍ମ ସେ କଲ୍ୟାଣ ହିଁ କରନ୍ତ। ମୋ ପ୍ରେମ ପାଇଁ ମୁଁ ସ୍ୱାର୍ଥୀ ହୋଇପାରିବି ନାହିଁ।' ରାଧାଙ୍କ ମୁହଁରୁ ଏକଥା ଶୁଣିବା ପରେ କୃଷ୍ଣ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ। ସେ ତାଙ୍କୁ ଏକ ସୁନ୍ଦର ଉପହାର ଦେଇଥିଲେ। ଯାହା ଆଜି ବି ରାଧାଙ୍କ ସହ ରହିଛି। କୃଷ୍ଣ ଦେଇଥିବା ଉପହାରଟି ହେଉଛି ତାଙ୍କ ନାମ। କୃଷ୍ଣଙ୍କ କହିଥିଲେ , "ହେ ରାଧେ ଅ ।ଜିଠାରୁ ମୋ ନାମ ପୂର୍ବରୁ ଲୋକେ ତୁମ ନାମ ନେବେ। ମୋ ନାମ ସହ ତୁମ ନାମ ବି ଅମର ହେବ। ଆଜିଠାରୁ ଲୋକେ କୃଷ୍ଣ-ରାଧା ନୁହେଁ ବରଂ ରାଧା-କୃଷ୍ଣ କହିବେ। ମୋଠାରୁ ଆଗ ତୁମେ ଆସିବ।' ବିଶ୍ୱାସ କରାଯାଏ ସେଦିନ ଠାରୁ ଉଭୟଙ୍କ ନାମକୁ ଯେତେବେଳେ ବି ଏକତ୍ର ଉଚ୍ଚାରଣ କରାଯାଏ, ପ୍ରଥମେ କୃଷ୍ଣଙ୍କ ନାମ ବଦଳରେ ରାଧାଙ୍କ ନାମ ନିଆଯାଏ।

## ଲୁଣ ସହ ଜଡିତ ଏହି ଉପାୟ; ସୌଭାଗ୍ୟରେ ବଦଳିବ ଦୁର୍ଭାଗ୍ୟ

ଅନେକ ଥର ବାରମ୍ବାର ଚେଷ୍ଟା କରିବା ସ□ତ୍ତ ସଫଳତା ମିଳିପାରିନଥାଏ। ଟଙ୍କା ସଞ୍ଚୟ ହୋଇ ପାରିନଥାଏ। ଲୁଣ ବିନା ଖାଦ୍ୟ ସ୍ୱାଦହୀନ। ମାତ୍ର କେବଳ ଖାଦ୍ୟ ପ୍ରସ୍ତୁତି ପାଇଁ ନୁହେଁ ବରଂ ବାସ୍ତୁ ଶାସ୍ତ୍ରରେ ଲୁଣ ସହ ଜଡିତ ଅନେକ ଉପାୟ ମଧ୍ୟ ବର୍ଣ୍ଣନା କରାଯାଇଛି। ଲୁଣ ସହ ଜଡିତ ଅନେକ ଉପାୟ ବର୍ଣ୍ଣନା କରାଯିବା ସହ ଏହାର ପାଳନ କରିବା ଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ।




ପାଣିରେ ଲୁଣ ପକାଇ ଘର ପୋଛା ମାରିବା ଦ୍ୱାରା ଘରୁ ନକରାତ୍ମକ ଶକ୍ତିଦୂର ହୋଇଥାଏ। ଘରେ କଳହ ହୋଇନଥାଏ୍ୟ ସଫଳତା ପାଇବାକୁ ଇଚ୍ଛା ଥିଲେ, ପାଣିରେ ଲୁଣ ପକାଇ ନିଶ୍ଚୟ ପୋଛନ୍ତୁ। ଏହାଦ୍ୱାରା ଦୁର୍ଭାଗ୍ୟ ଦୂର ହୋଇଥାଏ।

ଘରେ ଅଧିକ ଦିନ ଯାଏଁ ପରିବାର ସଦସ୍ୟଙ୍କ ରୋଗ ଲାଗି ରହୁଥିଲେ। ସେହି ବ୍ୟକ୍ତିଙ୍କ ବିଛଣା ତଳେ ଏକ କାଚ ବୋତଲରେ ପାଣିରେ ଲୁଣ ପକାଇ ରଖନ୍ତୁ।

ଲୁଣ ଡବାରେ ଏକ ଲବଙ୍ଗ ପକାଇ ରଖନ୍ତୁ। ଏହି ଉପାୟକୁ ଆପଣାଇବା ଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ଆର୍ଥିକ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ସ୍ନାନ କରିବା ସମୟରେ ସାମାନ୍ୟ ଲୁଣ ପାଣିରେ ପକାଇ ସ୍ନାନ କରିବା ଦ୍ୱାରା ଆଳସ୍ୟ ଦୂର ହୋଇଥାଏ। ସତେଜ ଅନୁଭବ ହେବା ସହ କାର୍ଯ୍ୟ କରିବାକୁ ଆଗ୍ରହ ହୋଇଥାଏ।

ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ,ଘରେ ଅଶାନ୍ତି ଲାଗି ରହୁଥିଲେ ଏକ କାଚପାତ୍ର କିମ୍ବା ଗ୍ଲାସରେ ଲୁଣ ରଖି ଏହାକୁ ଶୟନ କକ୍ଷରେ ରଖନ୍ତ। ଏହାଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହୋଇନଥାଏ।



## ହୃଦଘାତର ଆଶଙ୍କା କମାଏ ଆଭୋକାଡୋ, ଡାଏଟରେ କରିପାରିବେ ସାମିଲ୍



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି । ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ପୋଷକତତ୍ୱ□ରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍ଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ । ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

**ସୁସ୍ଥ ରଖେ ହୃଦୟ**

ଆଭୋକାଡୋ ଲିପଡ୍ ପ୍ରୋଫାଇଲରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲଡିଏଲ୍କୁ କମ୍ କରି ଏଚଡିଏଲ୍କୁ ବଢାଇଥାଏ ।

**ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ**

ଡାଏଟରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ ।ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ ।

**ଶରୀରରେ ପୋଷକ ତ□ର ଅଭାବକୁ ଦୂରାଏ**

ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଇଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହ□ତପୂର୍ଣ୍ଣ।





## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏ୍ୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ୍ୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଈ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

# ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି ବିରୋଧୀଦଳ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା । ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ । ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ । ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ । ଏହାର ଉତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ "ନାରୀଶକ୍ତି ବନ୍ଦ ଅଧିନିୟମ" ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ କହିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା । ମହିଳାଙ୍କ ବିନା ସୃଷ୍ଟିର କଳ୍ପନା ମଧ୍ୟ କରାଯାଇ ନ ପାରେ । ଆଜି ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, କ୍ରିଡା, ବ୍ୟବସାୟ, ପ୍ରଶାସନ ସବୁ କ୍ଷେତ୍ରରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ସ୍କୁଲରେ ପାଠ ପଢାଇବାରୁ ଆରମ୍ଭ କରି ଉଡାଜାହାଜ ଉଡାଇବା ତାଙ୍କ ପାଇଁ ଆଜି ସାଧାରଣ କଥା । ଅପରେଶନ ସିନ୍ଦୁର ସମୟରେ ଭାରତୀୟ 'ନାରୀଶକ୍ତି'ର ଚମତ୍କାର ସାରା ବିଶ୍ୱ ଦେଖିଥିଲା । ମାତ୍ର ବିରୋଧୀଦଳମାନଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ଓ ଏକ ଫେଶନ । ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ସେମାନେ ସେଥିରୁ ଓହରିଗଲେ । ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ନୁହେଁ, ତାଙ୍କୁ କେବଳ ନିଜ ନିଜ ଦଳରେ ଗୋଡାଣିଆ ଭାବେ ବ୍ୟବହାର କରିବା ପାଇଁ ଷଡଯନ୍ତ୍ର କରାଗଲା । ସେମାନଙ୍କ ନାରୀ ସ୍ୱାଧୀନତା ସ୍ଲୋଗାନ ଏବଂ ତାଙ୍କର ଅସଲ ରୂପ ଦୁଇ ଦିନର ଲୋକସଭା ବିତର୍କରେ ପଦାକୁ ଆସିଛି । କଂଗ୍ରେସଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି, ଡିଏମକେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ସେମାନେ ହେଉଛନ୍ତି ପ୍ରକୃତରେ ମହିଳା ବିରୋଧୀ । ସେମାନେ କେବଳ ମହିଳା ସଶକ୍ତିକରଣର ମୁଖା ପିନ୍ଧି ଅଭିନୟ କରୁଛନ୍ତି ।




ଯେଉଁମାନେ କହୁଛନ୍ତି ଯେ, ପଂଚାୟତ ନିର୍ବାଚନରେ ମହିଳାଙ୍କୁ ଆରକ୍ଷଣ ପ୍ରଦାନ କରିଛନ୍ତି, ତାହା ସେମାନେ ଏଥିପାଇଁ କରିଛନ୍ତି ଯେ, ପଂଚାୟତସ୍ତରରେ ଆରକ୍ଷଣ ଦେଲେ ଏହି ନେତାମାନଙ୍କର ବିଧାନସଭା କିମ୍ବା ଲୋକସଭା କ୍ଷେତ୍ରରେ ନିର୍ବାଚନ ଲଢ଼ିବା ପାଇଁ କିଛି କ୍ଷତି ହେଉନାହିଁ । କିନ୍ତୁ ଯେତେବେଳେ ଦେଖିଲେ ଯେ ବିଧାନସଭା ଓ ଲୋକସଭାରେ ତାଙ୍କ ସ୍ୱାର୍ଥରେ ଆଂଚ୍ ଆସିପାରେ, ସେତେବେଳେ ସେମାନଙ୍କ ମନରେ ଛନକା ପଶିଗଲା । ଏଥିଯୋଗୁ ସେମାନେ ଅଧିନିୟମକୁ ଲାଗୁ କରେଇ ଦେଇ ନଥିଲେ । କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନେ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, କିନ୍ତୁ ବର୍ତମାନ ତାଙ୍କ ମୁଣ୍ଡରେ ' ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମହିଳା ସଶକ୍ତିକରଣ ସମ୍ବନ୍ଧରେ ପଦକ୍ଷେପ ସାରା ଦୁନିଆ ଦେଖିଛି । ଏଥିପାଇଁ ପ୍ରମାଣର ଆବଶ୍ୟକତା ନାହିଁ । ଦେଶର ସମଗ୍ର ମହିଳା ସମାଜର ଭରସା ମାନନୀୟ ମୋଦୀଜୀଙ୍କ ଉପରେ ଅଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂଦେଓ, ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ କୁସୁମ ଟେଟେ ଓ ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ ଉପସ୍ଥିତ ଥିଲେ ।

## ଓଡ଼ିଶାର ସାଂସଦ ସଂଖ୍ୟା ବୃଦ୍ଧି ପାଇଲେ ବିଜେଡ଼ିକୁ ଅସୁବିଧା କେଉଁଠି

**ଭୁବନେଶ୍ୱର, ୨୧।୪ (ମହାଭାରତ):** ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝାପଡୁନାହିଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତି ଆଶ୍ଚର୍ଯ୍ୟଜନକ । ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି । ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଗତ ୧୬ ଓ ୧୭ ତାରିଖରେ ସଂସଦରେ ୧୩୧ତମ



ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଚର୍ଚ୍ଚା କରିବା ସମୟରେ, ଦେଶର ସବୁ ରାଜ୍ୟ ସମେତ ଓଡ଼ିଶାର ପ୍ରତିନିଧିତ୍ୱ ୫୦ ପ୍ରତିଶତ ବଢ଼ିବ ବୋଲି ମାନ୍ୟବର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି । ଏହା ଫଳରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ବୃଦ୍ଧି ପାଇ ୩୨ ହେବ ଏବଂ ତତସହିତ ଅତିକମରେ ୧୧ ଜଣ ମହିଳା ନୂଆ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ।

## ଏଡ଼ିଏନଆଇସିକୁ ଭାରତରେ ଶାଖା ପ୍ରତିଷ୍ଠା ପାଇଁ ନିୟାମକ ଅନୁମୋଦନ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଆବୁଧାବି ନ୍ୟାସନାଲ ଇନସୁରାନ୍ସ କମ୍ପାନୀ (ଏଡ଼ିଏନଆଇସି), ଯାହାକି କର୍ପୋରେଟ ଏବଂ ବ୍ୟକ୍ତିଗତ ଗ୍ରାହକ ମାନଙ୍କ ପାଇଁ ଏକ ଅଗ୍ରଣୀ ଆଂଚ୍ଳିକ ବିବିଧ-ସ୍ତରଯୁକ୍ତ ବୀମା ପ୍ରଦାନକାରୀ ସଂସ୍ଥା, ଗୁଜୁରାଟ ସ୍ଥିତ ଭାରତର ପ୍ରଥମ ଆନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର (ଆଇଏଫଏସସି) ଜିଆଇଏଫଟି ସହରରୁ ପୁନର୍ବୀମା ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରାପ୍ତ ହେବା ସହିତ ୦୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ ହୋଇଛି।

ଏଡ଼ିଏନଆଇସିର ଆନ୍ତର୍ଜାତୀୟ ସମ୍ପ୍ରସାରଣରଣ ନୀତିରେ ଏହି ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ, ଯାହାକି ଭାରତରେ କମ୍ପାନୀର ପୂର୍ବରୁ ଥିବା ସୀମାପାର ପୁନର୍ବୀମା ବ୍ୟବସାୟକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ ଯେ, ନିକଟରେ ଏଡ଼ିଏନଆଇସି ସାଉଦି ଆରବୀୟ ବଜାରରେ ମଧ୍ୟ ପ୍ରବେଶ କରିଛି। ଭାରତୀୟ ଶାଖା ରାଜସ୍ୱର ବିବିଧକରଣ ଏବଂ ଉଚ୍ଚ-ଅଭିବୃଦ୍ଧି ବଜାରରେ ଗ୍ରାହକ ମାନଙ୍କୁ ଉନ୍ନତ ସେବା ପ୍ରଦାନ କରି ଏଡ଼ିଏନଆଇସିର ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହିତ, ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜିବିନିଯୋଗ ବୃଦ୍ଧି କରିବା ପାଇଁ ୟୁଏଇ ଏବଂ ଭାରତର ମିଳିତ ଲକ୍ଷ୍ୟ ଅନୁଯାୟୀ, ଏହା ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ମଧ୍ୟ ମଜବୁତ କରିବ। ଏହି ଅନୁମୋଦନ ୟୁଏଇର ବ୍ୟବସାୟିକ ପରିବେଶର ଦୃଢ଼ତାକୁ ଦର୍ଶାଉଛି, ଯେଉଁଠାରେ ଆଂଚ୍ଳିକ ପରିବର୍ତନ ସତ୍ତ୍ୱେ କମ୍ପାନୀ ଗୁଡ଼ିକ ସେମାନଙ୍କର ରଣନୈତିକ ପ୍ରାଥମିକତାକୁ ଆଗକୁ ବଢ଼ାଉଛନ୍ତି ଏବଂ ବିଶ୍ୱବଜାରକୁ ସମ୍ପ୍ରସାରିତ ହେଉଛନ୍ତି। ସେହିଭଳି ଏଡ଼ିଏନଆଇସିର ଭାରତରେ ପ୍ରବେଶ ଦୂର-ଅବଧି ଅଭିବୃଦ୍ଧି ଏବଂ ଏହାର ଅବସ୍ଥିତିକୁ ଆଂଚ୍ଳିକ ସୁରକ୍ଷାକାରୀତା ସହିତ ମଧ୍ୟ ଆନ୍ତର୍ଜାତୀୟ ପରିପ୍ରେକ୍ଷୀରେ ଅଭିବୃଦ୍ଧି କରିବାର ପ୍ରତିବଦ୍ଧତାକୁ ମଧ୍ୟ ଆଲୋକପାତ କରୁଅଛି। ଚାରାଲାମ୍ପୋସ ମାୟଲୋନାସ୍, ଏଡ଼ିଏନଆଇସିର ମୁଖ୍ୟ ନିର୍ବାହୀ ଅଧିକାରୀ, ମତବ୍ୟକ୍ତ କରି କହିଛନ୍ତି, "ଜିଆଇଏଫଟି ସହରରେ କାର୍ଯ୍ୟ କରିବା ପାଇଁ ଲାଇସେନ୍ସ ପ୍ରାପ୍ତ ହେବା ଏଡ଼ିଏନଆଇସିର ଆନ୍ତର୍ଜାତୀୟ ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଭାରତରେ ଆମର ଗ୍ରାହକ ଏବଂ ଅଂଶୀଦାର ମାନଙ୍କୁ ସହାୟତା କରିବା ପାଇଁ ଦୀର୍ଘକାଳୀନ-ପ୍ରତିବଦ୍ଧତାକୁ ଦୋହରାଇବା ସହିତ ୟୁଏଇ-ଭାରତ ଆର୍ଥିକ ସମ୍ପର୍କକୁ ମଧ୍ୟ ଅଧିକ ସୁଦୃଢ଼ କରୁଛି। ଯେହେତୁ ଆମେ ଆମର ବିଶ୍ୱସ୍ତରୀୟ ପଦଧ୍ୱନୀକୁ ସମ୍ପ୍ରସାରିତ କରିବା ଜାରି ରଖିଛୁ, ସେଥିପାଇଁ ବିଶ୍ୱସନୀୟତା, ନିଜସ୍ୱ ପ୍ରସ୍ତୁତ ବୀମା ସମାଧାନକାରୀତା ଏବଂ ନୀରବଚ୍ଛିନ୍ନ ଭାବରେ ଏହାର ପରିଚାଳନା ତଥା ବଜାରର ପରିବେଶକୁ ନେଇ ବିଭିନ୍ନ ପରିସ୍ଥିତିରେ ଏହାର ପରିବର୍ତନ ଦିଗକୁ ପ୍ରଦାନ କରିବା ଉପରେ ଅଧିକ ଦୃଷ୍ଟି ଆକର୍ଷଣ କରିବ।"

## ଆଇଆଇଟି ଭୁବନେଶ୍ୱରରେ ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୧୮ ଏପ୍ରିଲ ୨୦୨୬ରେ ଏହାର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଆୟୋଜନ କରିଛି। ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପ୍ରଫେସର ଭି. ଏସ. ରାମମୂର୍ତ୍ତି; ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପୂର୍ବତନ ସଚିବ ଏବଂ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାବର୍ତ୍ତନ ଭାଷଣ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ସମାବର୍ତ୍ତନ ଅବସରରେ, ପ୍ରତିଷ୍ଠାନ ୮୦୨ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲା, ଯେଉଁମାନଙ୍କ ମଧ୍ୟରୁ ୯୬ (୧୨%) ପିଏଚଡି, ୧୭୭ (୨୨%) ଏମ୍.ଟେକ୍, ୯୬ (୧୨%) ଏମ୍.ଏସସି, ୧୦୨ (୧୩%) ଡୁଆଲ୍ ଡିଗ୍ରୀ (ବି.ଟେକ୍ ଏବଂ ଏମ୍.ଟେକ), ଏବଂ ୩୨୫ (୪୧%) ବି.ଟେକ୍ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ। ଏହା ସ୍ନାତକ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା, ଅଧ୍ୟାପକ ଏବଂ କର୍ମଚାରୀ ସଦସ୍ୟ ଏବଂ ପ୍ରତିଷ୍ଠାନର ପ୍ରଶାସନ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା।

ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ ଯେ ଉତ୍କର୍ଷତା ଏକାନ୍ତ ନୁହେଁ ବରଂ ଏକ ପ୍ରତିବଦ୍ଧତା - 'ତୁମେ ଯାହା କର, ତାହା ଭଲ ଭାବରେ କର' - ସେମାନଙ୍କୁ ନେତୃତ୍ୱ ନେବାକୁ ଏବଂ ସେମାନଙ୍କ ବାଛିଥିବା ପଥରେ ଏକ ଛାପ ସୃଷ୍ଟି କରିବାକୁ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ହିଗ୍ସ ବୋସନର ଐତିହାସିକ ଆବିଷ୍କାରକୁ ନେଇ ସେ ଆଲୋକପାତ କରିଥିଲେ ଯେ କିପରି ପରିବର୍ତ୍ତନକାରୀ ସଫଳତା ଦୀର୍ଘକାଳୀନ ଦୃଷ୍ଟିକୋଣ, ଦୃଢ଼ତା ଏବଂ ବିଚ୍ଛିନ୍ନ ପ୍ରୟାସ ବଦଳରେ ବୃହତ ପରିମାଣର ବିଶ୍ୱ ସହଯୋଗ ଉପରେ ନିର୍ମିତ। ସେ ଅନ୍ତର୍ଜାତୀୟ ବୈଜ୍ଞାନିକ ମିଶନରେ ସମାନ ଅଂଶୀଦାର ଭାବରେ ଭାରତର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଆଜି ଦେଶର ଅବଦାନ ଗୁଣବତ୍ତା ଏବଂ ପ୍ରଭାବ ଉଭୟ କ୍ଷେତ୍ରରେ ପ୍ରତିଯୋଗିତାମୂଳକ। ମାନସିକତାରେ ପରିବର୍ତ୍ତନ ପାଇଁ ଆହ୍ୱାନ କରି, ସେ ଆଇଆଇଟି ଭଳି ପ୍ରତିଷ୍ଠାନଗୁଡ଼ିକୁ ସୀମା ବାହାରକୁ ଯିବା, ବିଶ୍ୱସ୍ତରୀୟ ସହଯୋଗକୁ ଗ୍ରହଣ କରିବା ଏବଂ ଗବେଷଣା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ 'ପ୍ରତିଦ୍ୱନ୍ଦ୍ୱିତା ସମୟରେ ସହଯୋଗ'କୁ ପରିଭାଷିତ ମନ୍ତ୍ର ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମାଲକର ପ୍ରତିଷ୍ଠାନର ବିଭିନ୍ନ ପ୍ରୟାସ ଏବଂ ସଫଳତା ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ସେ କହିଥିଲେ, 'ଆଇଆଇଟି ଭୁବନେଶ୍ୱରର ୧୪ତମ ସମାବର୍ତ୍ତନ ଉତ୍ସବ ଗର୍ବ ଏବଂ ପରିପୂର୍ଣ୍ଣତାର ଏକ ମୁହୂର୍ତ୍ତ, କାରଣ ଆମର ଛାତ୍ରଛାତ୍ରୀମାନେ ସ୍ନାତକ ହାସଲ କରିଛନ୍ତି, ଦକ୍ଷତା ଏବଂ ଚରିତ୍ର ଉଭୟର ଆବଶ୍ୟକତା ଥିବା ଏକ ବିଶ୍ୱରେ ପାଦ ଦେବାକୁ ପ୍ରସ୍ତୁତ। ଜ୍ଞାନ ହାସଲ କରିବା ଏବଂ ସମାଲୋଚନାମୂଳକ ଏବଂ ନବସୃଜନଶୀଳ ଭାବରେ ଚିନ୍ତା କରିବା ଶିଖିବା ପରେ, ଆମେ ନିଶ୍ଚିତ ଯେ ସେମାନେ ସେମାନଙ୍କର ସ୍ୱପ୍ନକୁ ବାସ୍ତବ-ବିଶ୍ୱ ପ୍ରଭାବରେ ପରିଣତ କରିବେ। ପ୍ରତିଷ୍ଠାନ ଏହାର ଗବେଷଣା ପଦଚିହ୍ନ, ନବସୃଜନ ପାଇପଲାଇନ, ଶିଳ୍ପ-ଶିକ୍ଷା ସହଯୋଗ ଏବଂ ଏକ ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରମୁଖ ଭିତ୍ତିଭୂମି ଏବଂ ସ୍ଥାୟୀତ୍ୱ ପଦକ୍ଷେପ ସହିତ ସୁଦୃଢ଼ କରିଚାଲିଛି। ଆଗକୁ ଚାହିଁ, ଆମେ ଆନ୍ତଃବିଭାଗୀୟ ଗବେଷଣା, ବିଶ୍ୱସ୍ତରୀୟ ସହଭାଗୀତା ଏବଂ ସ୍ନାତକମାନଙ୍କୁ ଏକ ଦ୍ରୁତ ରୂପାନ୍ତରିତ ପ୍ରଯୁକ୍ତିବିଦ୍ୟା ପରିଦୃଶ୍ୟରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ, ଯାହା ସମାଜକୁ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବ।' ପ୍ରଫେସର କରମଲକର ତାଙ୍କ ଅନୁପସ୍ଥିତିରେ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ବାର୍ତ୍ତା ପାଠ କରିଥିଲେ।ସମାବର୍ତ୍ତନ ସମୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ନିମ୍ନଲିଖିତ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମହିଳା ସଂରକ୍ଷଣ ବିଲ୍ ନୋଟିଫେଁକସନ ଦେବାକୁ ୩ ବର୍ଷ ଲାଗିଲା କାହିଁକି

**ଭୁବନେଶ୍ୱର, ୨୧।୪ (ମହାଭାରତ):** ନିଜ ସପକ୍ଷରେ ସଂଖ୍ୟା ନଥାଇ ମଧ ମହିଳା ସଂରକ୍ଷଣ ବିଲ୍ ଆଣି ନାକଚ ହେବା ଏବଂ ବିରୋଧିଙ୍କୁ ସରକାର ଦୋଷାରୋପ କରିବା ବିଷୟକୁ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ମୁଖପାତ୍ର ଡ.ହମିଦ ହୁସେନଙ୍କ ସହ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଯୋଗଦେଇ ବିଜେପି ମହିଳା ଆରକ୍ଷଣ ବିଲକୁ କଠୋର ସମାଲୋଚନା କରିବା ସହ ସରକାରଙ୍କୁ କାଠଗଡାରେ ଛିଡା କରାଇଛନ୍ତି । ଭୂବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ନିଜ ବକ୍ତବ୍ୟରେ କହିଥିଲେ ଯେ, ସରକାର ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଲ ଆଗତ କରି ତାକୁ ପାସ କରିସାରିଛି ଏବେ କିନ୍ତୁ ପ୍ରହସନ ଚଳେଇ ପୁଣି ଥରେ ମହିଳା ସଂରକ୍ଷଣ ବିଲ ନିଜର ସଂଖ୍ୟାଗରିଷ୍ଠତା କମ୍ ଥିବା ସତ୍ତ୍ୱେ ଜାଣି ମଧ୍ୟ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ଚେଷ୍ଟା କରୁଛି।



ଏଆସିସି ମୁଖପାତ୍ର ଡ. ହୁସେନ ନିଜ ବକ୍ତବ୍ୟରେ କହିଥିଲେ ଯେ, ଶାସକ ବିଜେପି ସରକାର ଯେତେ ଦିନରୁ ଶାସନକୁ ଆସିଲା ସେହି ସମୟରୁ ବିକାଶ କାମକୁ ଛାଡି କେବଳ ନିଜ ପ୍ରଧାନମନ୍ତ୍ରୀ ଓ ଦଳର ବାଃବାଃ ନେବାରେ ବ୍ୟସ୍ତ ହୋଇ ରହିଛି। ମହିଳାଙ୍କୁ ସଂରକ୍ଷଣ ଦେବା ଆଳରେ ସବୁ ଦିନ କ୍ଷମତାରେ ରହିବା ପାଇଁ ବିଜେପି ଦଳକୁ ସୁହାଇବା ଭଳି ନିର୍ବାଚନ ମଣ୍ଡଳୀ ପରିସୀମା ନିର୍ଦ୍ଧାରଣ ବିଲ୍ ଲୁଚାଇ ପାସ୍ କରିନେବାକୁ ଚାହୁଁଥିଲେ । କିନ୍ତୁ ବିରୋଧିଦଳ ନେତା ମାନନୀୟ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମସ୍ତ ବିରୋଧି ଦଳ ଏକଜୁଟ ହୋଇ ସରକାରଙ୍କ ପ୍ରବଂଚନାପୂର୍ଣ୍ଣ ମହିଳା ସଂରକ୍ଷଣ ବିଲ୍‌କୁ ନାକଚ କରିଥିଲେ ଏବଂ ସେଥିପାଇଁ ସଂସଦରେ ବିଲ୍ ପାରିତ ହୋଇପାରିଲା ନାହିଁ । କଂଗ୍ରେସ ଦଳ ମହିଳା ସଂରକ୍ଷଣ ବିଲ୍ ଡ. ମନମୋହନ ସିଂ ପ୍ରଧାନମନ୍ତ୍ରୀଙ୍କ ସମୟରେ ରାଜ୍ୟସଭାକୁ ଆଣି ପାରିତ କରିଥିଲେ । କିନ୍ତୁ ସଂଖ୍ୟା ନଥିବାରୁ ଲୋକସଭାରେ ବିଲ୍ ପାରିତ ହୋଇ ପାରିନଥିଲା । ବିଜେପି ସରକାର ସେପ୍ଟେମ୍ବର ମାସ ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିଥିଲା ଏବଂ ରାଷ୍ଟ୍ରପତିଙ୍କ ମୋହର ମଧ ବସିଥିଲା କିନ୍ତୁ ଲାଗୁ କରିବା ପାଇଁ ନୋଟିଫିକେସନ ଦେବାକୁ ୩ ବର୍ଷ ସମୟ ଲାଗିଲା କାହିଁକି ? ସରକାର ଜବାବ ଦିଅନ୍ତୁ ।

## ୭୭୨ ଗ୍ରାମ ଓଜନର ଶିଶୁକୁ ନୂଆ ଜୀବନ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଜନ୍ମ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬ ସପ୍ତାହରେ ଜନ୍ମିତ ମାତ୍ର ୭୭୨ ଗ୍ରାମ ଓଜନର ଶିଶୁ କନ୍ୟାର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ଡାକ୍ତରୀ ଟିମ୍। ଶିଶୁକନ୍ୟା ଜନ୍ମ ହେବା ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଭିଷଣ କଷ୍ଟ ଅନୁଭବ କରିବାରୁ ତାକୁ ତୁରନ୍ତ ନବଜାତ ଶିଶୁରୋଗ ବିଭାଗର ଆଇସିୟୁରେ ଭର୍ତି କରାଯାଇଥିଲା। ଶିଶୁଟିକୁ ମେକାନିକାଲ୍ ଭେନ୍‌ଟିଲେସନ୍ ଏବଂ ଆଡଭାନ୍ସ ଲାଇଫ ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଚିକିତ୍ସାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି



ଘଟିଥିଲା ଏବଂ ତା' ଶରୀରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ କାରଣରୁ ଯେଉଁ ସବୁ ସମସ୍ୟା ଓ ଜଟିଳତା ଥିଲା ତାହା ଦୂର ହେବା ଆରମ୍ଭ ହୋଇଥିଲା। ଯଦିଓ ତା'ର ଜୀବନ ପ୍ରତି ବିପଦ ଥିଲା ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଏବଂ ମେଡିକାଲ୍ ଟିମ୍‌ର ସାହାଯ୍ୟ ଓ ସହଯୋଗ ବଳରେ ଶିଶୁଟି ୩ ମାସ ହସ୍ପିଟାଲ୍‌ର ଏନ୍‌ଆଇସିୟୁରେ ରହି ସୁସ୍ଥ ହୋଇପାରିଥିଲା। ଶିଶୁଟି ସୁସ୍ଥ ହେବା ପରେ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଖୁସି ବ୍ୟକ୍ତ କରିବା ସହ ଡାକ୍ତରୀ ଟିମ୍‌ର ନିରନ୍ତର ପ୍ରଚେଷ୍ଟା ଏବଂ ଶିଶୁର ବାପା-ମା'ଙ୍କର ଧୈର୍ଯ୍ୟ ଓ ସହଯୋଗକୁ ପ୍ରଶଂସା କରିଥିଲେ। ଏହି ଡାକ୍ତରୀ ଟିମ୍‌ରେ ଡାକ୍ତର ଭାବଗ୍ରାହୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ କୁମାର ପାଣିଗ୍ରାହୀ, ଡାକ୍ତର ସୁରେଶ କୁମାର ତ୍ରିପାଠୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର ପ୍ରତ୍ୟୁଷ ଦ୍ୱିବେଦୀ, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର କଳ୍ପିତା ସାହୁ, ଡାକ୍ତର ପୁଜିଥା ଏବଂ ଡାକ୍ତର ଶରଥ ଚନ୍ଦ୍ରିକା ସାମିଲ ଥିଲେ।

## ଏଜିଆଇ ଇନଫ୍ରାକୁ 'ୟୁଟୋପିଆ ବାଇ ଏଜିଆଇ' ଗ୍ରୁପ୍ ହାଉସିଂ ପ୍ରୋଜେକ୍ଟ ପାଇଁ ଲାଇସେନ୍ସ ପ୍ରଦାନ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଆବାସିକ ଏବଂ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ବିକାଶରେ ବିଶେଷଜ୍ଞ ଏକ ଅଗ୍ରଣୀ କମ୍ପାନୀ ଇଏଓ ଇନଫ୍ରା ଲିମିଟେଡ୍ ଘୋଷଣା କରିଛି ଯେ ଏହା ଲାଇସେନ୍ସ ନମ୍ବର ପାଇଛି । ଗ୍ରେଟର ମୋହାଲି ଏରିଆ ଡେଭଲପମେଟ୍ ଅଥରିଟି ତରଫରୁ ଏଲ୍‌ସିଡି -୧୦୧/୨୦୨୬ ତାରିଖ ମାର୍ଚ୍ଚ ୩୧, ୨୦୨୬, ଏହାର ଗ୍ରୁପ୍ ହାଉସିଂ କଲୋନୀ, 'ୟୁଟୋପିଆ ବାଇ ଏଜିଆଇ'ର ବିକାଶ ପାଇଁ ନୂଆଦିଲ୍ଲୀ ଚଣ୍ଡିଗଡ଼ରେ କମ୍ପାନୀର ପ୍ରଥମ ପ୍ରକଳ୍ପକୁ ଚିହ୍ନିତ କରିଛି। ଏପ୍ରିଲ୍ ୧, ୨୦୨୬ ରେ କମ୍ପାନୀ ଦ୍ୱାରା ଲାଇସେନ୍ସ ଗ୍ରହଣ କରାଯାଇଥିଲା । ନ୍ୟୁ ଚଣ୍ଡିଗଡ଼ର ଏକ ପ୍ରିମିୟମ୍ ଆବାସିକ ଅଂଚଳରେ ୧୦.୨୬ ଏକର ମାପ କରୁଥିବା ଏକ ଜମି ପାର୍ସଲରେ ଏହି ପ୍ରକଳ୍ପ ବିକଶିତ ହେବ। 'ୟୁଟୋପିଆ ବାଇ ଏଜିଆଇ' ପ୍ରାୟ ୩୧,୯୩,୬୯୭ ବର୍ଗଫୁଟର ଏକ ବିକ୍ରୟ ଯୋଗ୍ୟ କ୍ଷେତ୍ର ପ୍ରଦାନ କରିବ ଏବଂ ୩ବିଏଚ୍‌କେ, ୪ ବିଏଚ୍‌କେ, ଏବଂ ୫ ବିଏଚ୍‌କେ ୟୁନିଟ୍ ସହିତ ଏକାଧିକ ବିନ୍ୟାସରେ ୬୬୧ ଆବାସିକ ଫ୍ଲାଟକୁ ନେଇ ଗଠିତ ହେବ। ଏହା ସହିତ ବାସିନ୍ଦାଙ୍କ ପାଇଁ ସୁଚିନ୍ତିତ ଭାବରେ ଯୋଜନା କରାଯାଇଥିବା ସୁବିଧା ଏବଂ ସୁବିଧା ମଧ୍ୟ ରହିବ। 'ୟୁଟୋପିଆ ବାଇ ଏଜିଆଇ' ନୂତନ ଚଣ୍ଡିଗଡ଼ ମାଇକ୍ରୋ-ମାର୍କେଟରେ ଏଜିଆଇ ଇନଫ୍ରା ଲିମିଟେଡର ରଣନୀତିକ ପ୍ରବେଶକୁ ପ୍ରତିନିଧିତ୍ୱ କରେ ଏବଂ ଏକ ବୃହତ ଆକାରର ପ୍ରିମିୟମ୍ ଗୃହ ବିକାଶ ସହିତ ଏହାର ଆବାସିକ ପ୍ରକଳ୍ପ ପୋର୍ଟଫୋଲିଓକୁ ମଜବୁତ କରେ ।

## ସୋଆ ପକ୍ଷରୁ ସିବିଏସଇ ଟପ୍ପର ଟିନା ଓ ଆଲିଶାଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୧।୪ (ମହାଭାରତ):** ସିବିଏସ୍‌ଇ ଦଶମ ପରୀକ୍ଷାରେ ଶତ ପ୍ରତିଶତ ମାର୍କ ରଖି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥିବା ୨ଜଣ କୃତୀ ଛାତ୍ରୀଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଶୀର୍ଷ ସ୍ଥାନ ଅଧିକାର କରିଥିବା ଉଭୟ ଛାତ୍ରୀ- ପୁରୀ ମଦର୍ସ ପବ୍ଲିକ ସ୍କୁଲର ଟିନା ରଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଲିଶା ବିଶ୍ୱାଳଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ଛାତ୍ରୀ ପରୀକ୍ଷାରେ ୫୦୦ ରୁ ୫୦୦ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି। ସେମାନେ କିଭଳି ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଓ ସେମାନଙ୍କର ଭବିଷ୍ୟତର ଲକ୍ଷ୍ୟ କ'ଣ ସେ ନେଇ କୁଳପତି ଉଭୟ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ସଫଳତାକୁ ନେଇ ଭବିଷ୍ୟତରେ ସେମାନେ କିଭଳି ଆଗକୁ ବଢ଼ିବେ ସେ ସମ୍ପର୍କରେ କୁଳପତି ପ୍ରଫେସର ନନ୍ଦ ମଧ୍ୟ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଟିନା ଭଲ ପାଠ ପଢ଼ିବା ସହ ଭାରତନାଟ୍ୟମ୍ ଭଳି ଶାସ୍ତ୍ରୀୟ ନୃତ୍ୟରେ ମଧ୍ୟ ବେଶ୍ ପାରଙ୍ଗମ। ସେହିପରି ସେ ମଧ ଜଣେ ଭଲ ଚିତ୍ରଶିଳ୍ପୀ। ଭବିଷ୍ୟତରେ ଟିନା ଜଣେ ହୃଦରୋଗ ବିଶେଷଜ୍ଞ ହେବାର ଲକ୍ଷ୍ୟ ରଖିଛନ୍ତି। ସେ ଦିନକୁ ୫ରୁ ୬ ଘଂଟା ପାଠ ପଢୁଥିଲେ ବୋଲି କହିଛନ୍ତି। ସେହିଭଳି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ରୀ ଆଲିଶା ବିଶ୍ୱାଳ କହିଥିଲେ ଯେ ଲକ୍ଷ୍ୟ ହାସଲ ପାଇଁ ପାଠ ପଢ଼ାର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିବା ଆବଶ୍ୟକ। ଦିନକୁ ୩/୪ ଘଂଟା ପଢ଼ିବା ଓ ଲେଖିବା ଅଭ୍ୟାସ ସହ ସମୟ ପରିଚାଳନା ପାଇଁ ସ୍ୱତନ୍ତ୍ର ରୋଡ ମ୍ୟାପ କରିଥିବାରୁ ତାଙ୍କୁ ସଫଳତା ମିଳିପାରିଛି ବୋଲି ସେ କହିଛନ୍ତି। ଭବିଷ୍ୟତରେ ସେ ମଧ ଜଣେ ଡାକ୍ତର (ନ୍ୟୁରୋଲୋଜିଷ୍ଟ) ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଟିନାଙ୍କ ବାପା ଶ୍ରୀ ସମୀର କୁମାର ରଥ ଓ ମା ଶ୍ରୀମତି ରେଣୁ ପ୍ରଭା ଦାସ ଓ ଆଲିଶାଙ୍କ ବାପା ଶ୍ରୀ ସୁଦର୍ଶନ ବିଶ୍ୱାଳ ଓ ମା ଶ୍ରୀମତି ସୌଦାମିନୀ ମଲ୍ଲିକ୍‌ଙ୍କ ସହ ସୁମା ରିୟଲ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଶ୍ରୀ ସୁନୀଲ ଦାସ ଓ ନ୍ୟୁଜ-୭ର କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ଦେବନାରାୟଣ ସେଠୀ ଉପସ୍ଥିତ ଥିଲେ।




## ପଲସର ୧୮୦ ଏବେ ନୂଆ ଗ୍ରାଫିକ୍ସ

**ଭୁବନେଶ୍ୱର, ୨୧।୪ (ମହାଭାରତ):** ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାଣ କରୁଥିବା ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ 'ବଜାଜ ଅଟୋ ଲିମିଟେଡ' ଆଜି ଭାରତର ଅନ୍ୟତମ ଲୋକପ୍ରିୟ ତଥା ଅପ୍ରତିଦ୍ୱନ୍ଦ୍ୱୀ ମୋଟରସାଇକେଲ ପଲସର ୧୮୦ର ପୁନଃ ବଜାର ପ୍ରବେଶ ବିଷୟରେ ଘୋଷଣା କରିଛି। ଗ୍ରାହକଙ୍କ ବ୍ୟାପକ ଚାହିଦା ଯୋଗୁଁ ଏବେ ଏହା ନୂଆ ଗ୍ରାଫିକ୍ସ, ଏଲଇଡି ହେଡଲ୍ୟାମ୍ପ, ବ୍ଲିଙ୍କର୍ସ ଏବଂ ବ୍ଲୁଟୁଥ ସୁବିଧା ଥିବା ଡିଜିଟାଲ କନସୋଲ ସହିତ ବଜାରକୁ ଫେରିଛି। ପଲସର ବ୍ରାଣ୍ଡ ଏହାର ଦୁଇଟି ପ୍ରମୁଖ ମଡେଲ - ପଲସର ୧୫୦ ଏବଂ ପଲସର ୧୮୦ର ବଜାର ପ୍ରବେଶର ୨୫ ବର୍ଷ ପୂର୍ତି ପାଳନ କରୁଥିବା ଅବସରରେ ଏହି ମଡେଲଟି ଏକ ଅଧିକ ଆଧୁନିକ ଏବଂ ଆକର୍ଷଣୀୟ ରୂପରେ ପ୍ରତ୍ୟାବର୍ତନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ ଅଟେ।

# ରାଜନୀତିରେ ନୂଆ ସମୀକରଣ

ଜଣକ ପରେ ଜଣେ ନେତା ବିଜେଡି ଛାଡୁଛନ୍ତି କିମ୍ବା ଦଳରୁ ବିଦା ହେଉଛନ୍ତି । ଏବେ ବିଜୁ ଅନୁଗାମୀମାନେ ଏକାଠି ହୋଇ ବିଜେଡିର ଏକ ବିକଳ୍ପ ଗଠନ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନଙ୍କର ଏହି ପ୍ରୟାସ ଯେ ସଫଳ ହେବ ତାହା କୁହାଯାଇପାରିବ ନାହିଁ । କିନ୍ତୁ ଏହା ବିଜେଡିର ଭୋଟ ବିଭାଜନ କରିବାକୁ ପର୍ଯ୍ୟାପ୍ତ ସେଥିରେ ସନ୍ଦେହ ନାହିଁ । ସେହିପରି କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୁକିମଙ୍କ ନେତୃତ୍ୱରେ ଓଡ଼ିଶା ଜନତା କଂଗ୍ରେସ ନାମରେ ଏକ ନୂଆ ଦଳ ଗଠିତ ହୋଇଛି । ଏହା ରାଜ୍ୟରେ କଂଗ୍ରେସ ଦଳର ବିଭାଜନ ନହେଲେ ମଧ୍ୟ ଏହାର ଭୋଟ କାଟିବାକୁ ଉଦ୍ଦିଷ୍ଟ ସେଥିରେ ସନ୍ଦେହ ନାହିଁ । ନିର୍ବାଚନରେ ୧ ପ୍ରତିଶତ ଭୋଟ ମଧ୍ୟ ଅନେକ ସମୟରେ ହିସାବ ଓଲଟପାଲଟ କରିଦିଏ । ୧୯୯୫ ବିଧାନସଭା ନିର୍ବାଚନରେ ଏହା ଦେଖିବାକୁ ମିଳିଥିଲା । ଛୋଟ ଛୋଟ ଦଳର ପ୍ରାର୍ଥୀ ବା ସ୍ୱାଧୀନ ପ୍ରାର୍ଥୀ(ବିଦ୍ରୋହୀ)ମାନେ ସେହି ନିର୍ବାଚନରେ ୨ରୁ ୩ ହଜାର ଭୋଟ ପାଇ ଅନେକ ଆସନରେ ଜନତା ଦଳ ପ୍ରାର୍ଥୀଙ୍କ ପରାଜୟର କାରଣ ସାଜିଥିଲେ । ଫଳରେ ବିଜୁ ବାବୁ ସେହି ନିର୍ବାଚନରେ ଲୋକପ୍ରିୟ ସତ୍ତ୍ୱେ ପରାଜିତ ହେଲେ । ଏହା ହିଁ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳ ଗଠନର କ୍ଷେତ୍ର ପ୍ରସ୍ତୁତ କରିଥିଲା । ୧୯୯୭ରେ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା । କଂଗ୍ରେସକୁ ପରାଜିତ କରିବା ନିମନ୍ତେ ବିଜେପି ସହ ମେଣ୍ଟ କରିବା ଉଦ୍ଦେଶ୍ୟରେ ବିଜେଡି ଗଠିତ ହୋଇଥିଲା । ୨୦୦୯ ପର୍ଯ୍ୟନ୍ତ ଏହି ମେଣ୍ଟ ରହିଥିଲା । ୨୦୦୯ରେ ଏହି ମେଣ୍ଟ ଭାଙ୍ଗିଗଲା । ସେବେଠାରୁ ରାଜ୍ୟରେ ସବୁ ନିର୍ବାଚନରେ ତ୍ରିମୁଖୀ ମୁକାବିଲା ହୋଇଆସୁଛି । ବାମପନ୍ଥୀ, ଜେଏଏମ ଭଳି କିଛି ଦଳର କିଛି ନିର୍ବାଚନମଣ୍ଡଳୀରେ ପ୍ରଭାବ ରହିଛି । ସେମାନେ ପ୍ରାୟତଃ କଂଗ୍ରେସ ସହ ମେଣ୍ଟ ଗଠନ କରୁଛନ୍ତି । ବିଜେଡି ଗଠନ ପରେ ଜନତା ଳ ଅଳ୍ପ କିଛି ବର୍ଷ ତିଷ୍ଠି ରହିଥିଲା । ଧିରେ ଧିରେ ତାହା ବିଲୁପ୍ତ ହୋଇଗଲା । ବିଜେଡି ଗଠନ ରାଜ୍ୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଏବେ ରାଜ୍ୟରେ ଏକ ନୂଆ ରାଜନୈତିକ ସମୀକରଣ ପାଇଁ ଉଦ୍ୟମ ହେଉଛି । ଅତୀତରେ ଓଡ଼ିଶାରେ ଏଭଳି ଅନେକ ଆଞ୍ଚଳିକ ଦଳ ଗଠନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହା ବିଲୁପ୍ତ ହୋଇଛି । କିଛି ଦଳ ବେଶ ପ୍ରଭାବ ବିସ୍ତାର ମଧ୍ୟ କରିଛନ୍ତି । କିନ୍ତୁ ବିଭିନ୍ନ କାରଣରୁ ଏସବୁ ଦଳ ହଜି ଯାଇଛନ୍ତି । କେବଳ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ପ୍ରାୟ ତିନି ଦଶନ୍ଧି ଧରି ତିଷ୍ଠି ରହିଛି । ଏବେ ମହମ୍ମଦ ମୁକିମ ଓ ବିଜୟ ମହାପାତ୍ର ଦୁଇଟି ସମାନ୍ତରାଳ ଦଳ ଗଠନ କରିବାକୁ ପ୍ରୟାସ ଚଳାଇଛନ୍ତି । ଏହା ଶାସକ ଦଳ ବିଜେପି ପାଇଁ ସୁକବର ବ୍ୟତିତ ଅନ୍ୟ କିଛି କୁହାଯାଇନପାରେ । କାରଣ ଏହା ଦ୍ୱାରା ବିରୋଧୀ ଭୋଟ ବହୁଧା ବିଭକ୍ତ ହେବ ଯାହା ବିଜେପି ପାଇଁ ସୁବିଧାଜନକ ସାବ୍ୟସ୍ତ ହେବ । ରାଜ୍ୟରେ ବିଜେପି ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ଭୋଟ ବ୍ୟାଙ୍କ ସୃଷ୍ଟି କରିଛି । ଅନେକ ଯୁବ ଭୋଟର ବିଜେପି ପ୍ରତି ଆକୃଷ୍ଟ ହେଉଛନ୍ତି । ସେହିପରି ଅଣ କଂଗ୍ରେସ ରାଜନୀତିରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ମଧ୍ୟ ଏବେ ଏକମୁହାଁ ହୋଇ ବିଜେପି ଆଡ଼କୁ ଯାଉଛନ୍ତି । କାରଣ ବିଜୁ ଜନତା ଦଳ ଏବେ କଂଗ୍ରେସ ସହ ହାତ ମିଳାଇଛି ଏବଂ ଆଗାମୀ ଦିନରେ ଏହା କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ସୂଚନା ମିଳିଛି । ଯଦି ଏହା ହୁଏ ତେବେ ରାଜ୍ୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ହେବ । ରାଜ୍ୟର ୬୫ ପ୍ରତିଶତ ଭୋଟର ହେଉଛନ୍ତି କଂଗ୍ରେସ ବିରୋଧୀ । ଏହାର ସିଂହଭାଗ ବିଜେପି ସପକ୍ଷରେ ଯିବ । ଏହା ହେଲେ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇପାରେ ।

# ଦେଖିବାକୁ ସୁନାପରି

॥ ଅଜୟ କୁମାର ବେହେରା ॥

> "ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା । ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା । ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା । ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି ।

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ । ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି । ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ । ଦକ୍ଷିଣରେ ସୁନାର ଲଙ୍କା ଥିଲା । ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ । ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ । ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ । ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ । ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ । ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ । ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ । ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା ।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଳରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ । ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି । ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ । ପ୍ରମାଣିକ ପୁସ୍ତକ ଏବେ ମିଳୁଛି । ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି । ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୂ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ । ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା ? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର । ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ । ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ । ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ । ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି । ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ । ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ । ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ । ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି । ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା । ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି ।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା । ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା । ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା । ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି । ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି । ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି । ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି । ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ । ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି । ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି । ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି । ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି । ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି । ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ । ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି । ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି । ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ । ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି । ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି । ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ

॥ ଉମେଶ ଚନ୍ଦ୍ର ପାତ୍ର ॥

ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ – ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ । ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ – ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ – ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ – ସେ ଚାହେଁ ପ୍ରତ୍ୟେକଟି ଲୋକ – ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ – ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା । ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ । ପୁଣି ସେହି ସାବଧାନ ବାଣୀ – ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ – କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା । ଆଉ ମା' କେବଳ ମା' – କାମିନୀ ନୁହେଁ । ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ । ସାବଧାନ ! ମା'କୁ ମାଗୀ ଭାବି ମରନାହିଁ । ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି । ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ । ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ । ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ । ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ । ପୁଣି ସେହି ସତର୍କ ବାଣୀ – ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ – ପ୍ରସାଦରୁ ବଞ୍ଚିତ ହୁଅନାହିଁ । ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ । ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ । ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ । ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ । ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ । ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ । ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ । ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ – ଯାହା ଚାହଁ ତାହା ହିଁ ହେବ । ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର । ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ । କ୍ଳୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ । ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ – ଅଥଚ ଖୁବ୍ ଭଲ ପାଏ – ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା । ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ – ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ – ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଠିକ୍ ସେହିପରି କଳିଯୁଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ – ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ ।

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତ୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ଲକ୍ଷ୍ମୀପୁରରେ ଦାବି ଦିବସ ପାଳନ



ଲକ୍ଷ୍ମୀପୁର, (ମହାଭାରତ) : ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ଦାବି ଦିବସ ଅବସରରେ ବିଭିନ୍ନ ଦାବି ଉଠାଯାଇଛି। ଏହି ଅବସରରେ ସଂଘର ସଭାପତି ମାଥିୟୁ ଗରଡ଼ାଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଆୟୋଜିତ ହୋଇ, କର୍ମଚାରୀଙ୍କ ସମସ୍ୟା ଓ ଅଧିକାର ସମ୍ପର୍କିତ ଆଲୋଚନା ହୋଇଥିଲା। ସଭାରେ ରାଜ୍ୟ ସରକାରଙ୍କ ପାଇଁ ୯ ଦଫା ଓ କେନ୍ଦ୍ର ସରକାରଙ୍କ ପାଇଁ ୧୦ ଦଫା ଦାବି ସହିତ ଏକ ସଂଯୁକ୍ତ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା। ପରେ ଏହାକୁ ବ୍ଲକ ପ୍ରଶାସନ ମାଧ୍ୟମରେ ସରକାରଙ୍କ ନଜରକୁ ଆଣାଯାଇଥିଲା। ବ୍ଲକ ବିଡିଓ ସବ୍ୟସାଚୀ ବେହେରା ଅନୁପସ୍ଥିତ ଥିବାରୁ, ଅତିରିକ୍ତ ବିଡିଓ ସ୍ମୃତି ରଞ୍ଜନ ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ସଂଘ ପକ୍ଷରୁ ସରକାରଙ୍କୁ ଦାବିଗୁଡିକୁ ଗୁରୁତ୍ୱ ସହିତ ବିଚାର କରି ଶୀଘ୍ର ପୂରଣ କରିବାକୁ ଅନୁରୋଧ କଯାଇଛି। ଏହି କାର୍ଯ୍ୟକ୍ରମରେ ଉପସଭାପତି ବଳଭଦ୍ର ଖରା, ସମ୍ପାଦକ ମହାଦେବ ଶତପଥୀ, ସହ ସମ୍ପାଦକ ସିମାଞ୍ଚଳ ଗରଡ଼ା, କୋଷାଧ୍ୟକ୍ଷ ମଙ୍ଗଳ ଖୋସ୍ଲା ଓ କାକିରିଗୁମା ଅଞ୍ଚଳର ସଭାପତି ଜଳନ୍ଧର ବାଘ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଉମରକୋଟ ସହରର ଟ୍ରାଫିକ ସମସ୍ୟା ଉପରେ କେବେ ନଜର ପକାଇବ ଜିଲ୍ଲା ପ୍ରଶାସନ

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଜିଲ୍ଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉମରକୋଟ ସହର ଦିନକୁ ଦିନ ଟ୍ରାଫିକ ସମସ୍ୟାରେ ଛନ୍ଦି ହେବାରେ ଲାଗିଛି । ଅଣ ଆସାରିଆ ରାସ୍ତା ସାଙ୍ଗକୁ ଦିନକୁ ଦିନ ଗାଡି ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ଏହି ଟ୍ରାଫିକ୍ ସମସ୍ୟା ବଢିବାକୁ ଲାଗିଛି। ସହରର ମୁଖ୍ୟତ ଡ଼ି.ଏନ୍.କେ ଠାରୁ ଆରମ୍ଭ କରି ଗୁଲି ପାଟଣା ଛକ, ପୁରୁଣା ବସଷ୍ଟାଣ୍ଡ , ଝରିଗାଁ ରୋଡ , କୋଣ୍ଡା ଗାଁ ରୋଡ଼, ରାଇଘର ରୋଡ଼ , ଠାରେ ଦଶ ଚକିଆ ଟ୍ରକ ମାଲ ଅନଲୋଡ କରୁଥିବାରୁ ସାଧାରଣତ ଗୋଟିଏ ବାଇକ୍ ଯିବାକୁ ମଧ ଅସୁବିଧା ହେଉଛି । ଜିଲ୍ଲା ପ୍ରଶାସନ ଟ୍ରାଫିକ ସମସ୍ୟା କିଭଳି ଭାବରେ ଦୁର କରାଯାଇ ପାରିବ ସେ ଦିଗରେ



ଆଖି ଦୁସିଆ ପଦକ୍ଷେପ ନେଉ ନ ଥିବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତି ରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ବାହାର ଗ୍ରାମରୁ ଗୁରୁତର ରୋଗି ଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଏହି ଟ୍ରାଫିକ ସମସ୍ୟା ର ସମ୍ମୁଖୀନ ହେବା ଯୋଗୁଁ ରୋଗି ସେବାରେ ବାଧା ସୃଷ୍ଟି ହେଉଛି । ଆଖ ପାଖ ଅଞ୍ଚଳର ଜନ ସାଧାରଣ ନିଜର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ବ୍ୟାଙ୍କ ସୁବିଧା ନିମନ୍ତେ ଉମରକୋଟ ସହର ଉପରେ ନିର୍ଭର ଶିଳ ହେଉଥିବା ଯୋଗୁଁ ବ୍ୟାଙ୍କ ସମ୍ମୁଖରେ କିଛି ମାତ୍ରାରେ ପାର୍କିଂ ସୁବିଧା ଥିବା ବେଳେ ଅନେକ ବାଇକ ରାସ୍ତା ପାର୍ଶ୍ୱରେ ରହୁଥିବା ଦେଖିବାକୁ ମିଳୁଛି ତେଣୁ ଟ୍ରାଫିକ ସମସ୍ୟାର ସମାଧାନ ଦିଗରେ ପୋଲିସ୍ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ସାଧାରଣ ଜନତାଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳି ପାରିବା ସହ ଉମରକୋଟ ସହରରେ ନୂତନ ବାଇପାସ ନିର୍ମାଣ କରି ଭାରି ଯାନ ଗୁଡ଼ାକ ସେହି ରାସ୍ତା ଦେଇ ଯାତାୟତ କରିବା ପାଇଁ ସାଧାରଣରେ ଜୋର ଦାବି ହେଉଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କପ୍ତିପଦା, (ମହାଭାରତ) : ରାଜସ୍ଥାନୀ ଯୁବକ ବାହା ହୋଇଥିଲେ ଉଦଳା ଅଞ୍ଚଳର ଝିଅକୁ। ଆଉ ବାହାଘର ପରେ ଉଦଳା ଥାନା କୋଚିଲାଡିହା କଇଁଫୁଲିଆ ଗ୍ରାମରେ ସ୍ତ୍ରୀ ସହ ରହୁଥିଲେ। ଆଜି ସକାଳୁ ଯୁବକଙ୍କ ଝୁଲନ୍ତା ମୃତଦେହ ଗ୍ରାମ ବିଲ ଭିତରୁ ମିଳିଛି। ଆଜି ସକାଳେ ଗ୍ରାମବାସୀ ବିଲ ଭିତରେ ଥିବା ଏକ ଗଛରେ ରାଜସ୍ଥାନୀ ଯୁବକ ରଘୁବୀର ଗୁଜର ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ପୋଲିସ କୁ ଖବର ଦେବା ପରେ ଉଦଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ମୃତକ ରଘୁବୀର ତାଙ୍କ ସ୍ତ୍ରୀ ପାନ ହାଁସଦା ସହିତ କଇଁଫୁଲିଆ ଗ୍ରାମରେ ୫ ବର୍ଷ ରୁ ଅଧିକ ହେବ ରହୁଥିଲେ। ତେବେ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ପରିସ୍ଥିତି ରୁ ପୁରା ଘଟଣା କୁ ନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ପୋଲିସ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ବେଳେ ତଦନ୍ତ ପରେ ପୁରା ଘଟଣା ସ୍ପଷ୍ଟ ହେବ ବୋଲି ଜଣାଯାଇଛି।

## ଗ୍ରୀନ ପାରିକୁଦ ପକ୍ଷରୁ ଯାତ୍ରା ପଡ଼ିଆ ସଫେଇ



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡା ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଚାଲିଥିବା ୭୯ ତମ ପଣାଯାତ୍ରା ମହୋତ୍ସବ ଉଦଯାପିତ ହୋଇଯାଇଛି । ୬ ଦିନ ଧରି ଯାତ୍ରା ଉତ୍ସବ ଚାଲିଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସମାଗମରେ ପଡ଼ିଆ ଚଳଚଞ୍ଚଳ ହୋଇଉଠିଥିଲା । ଯାତ୍ରା ପଡ଼ିଆର ସ୍ୱଚ୍ଛତା ରକ୍ଷା କରିବା ପାଇଁ ଗ୍ରୀନ ପାରିକୁଦ ସଂଗଠନ ପକ୍ଷରୁ ସୋମବାର ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ପଡ଼ିଆ ମଧ୍ୟରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଅଳିଆ ଆବର୍ଜନା, ପଲଥିନକୁ ସଫେଇ କରିଥିଲେ । ଏଥିରେ ସଂଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇ, ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ମହେଶ୍ୱର ସେଠୀ, ଗଦାଧର ଜେନା, ଗୋ ପୁତ୍ର ପରିବାରର ଲଲାଟ ସେଠୀ, ଚନ୍ଦନ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ତିଛିଣିରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧିନସ୍ଥ ତିଛିଣି ଗ୍ରାମର ମା ବୃନ୍ଦାବତୀଙ୍କ ପୀଠସ୍ଥଳୀରେ ସୋମବାର ଠାରୁ ୨୬ ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ଗୀତା ମହାଯଜ୍ଞ, ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ,ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଗୋ ପୂଜନ ଆଦି ବୈଦିକ ରୀତିନୀତି ଅନୁଯାୟୀ ଆୟୋଜନ କରାଯାଇଛି । ଯଜ୍ଞ କାର୍ଯ୍ୟ ପରିଚାଳନା କରିବା ପାଇଁ ଖୋର୍ଦ୍ଧା ମଠାଧିଶ ମହନ୍ତ ରାଧେଶ୍ୟାମ ବାବା, ସୁଦୂର ବୃନ୍ଦାବନ ଧାମ ଆଶ୍ରମର ପୂଜ୍ୟ ସନ୍ଥ ଶ୍ରୀ ଶ୍ୟାମ ସୁନ୍ଦର ଦାଶ ମହାରାଜ ଜୀଙ୍କ ନେତୃତ୍ୱରେ ୯ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି । ଗ୍ରାମର ତ୍ରିନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ, ମା ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ, ମା କ୍ଷେତ୍ରପାଳି ସଂକୀର୍ତ୍ତନ ମଣ୍ଡଳୀ, ଜହ୍ନିକୁଦା, ଖଟିଆକୁଦି, ବଡ଼ଝାଡ଼, ନୂଆଗାଁ ସହିତ ବ୍ଲକର ବିଭିନ୍ନ ସ୍ଥାନରୁ ୧୦ ମେଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରୁଛନ୍ତି । ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ସମ୍ପାଦକ ହିରଣ୍ୟ କୁମାର ଜେନା,ଯଜ୍ଞ ପରିଚାଳନା କମିଟି ସଭାପତି ବସନ୍ତ କୁମାର ପଲେଇ, ସମ୍ପାଦକ ବୁଲାମଣି ତରେଇ ପ୍ରମୁଖ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଆଖି ଆଗରେ ରଖି ପ୍ରତ୍ୟହ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଶ୍ରୀ ନୀଳାଦ୍ରୀ ଗୁରୁକୃପା ଶାନ୍ତି ସେବା ଆଶ୍ରମ (ତିଛିଣି)ର ମହନ୍ତ ଶ୍ରୀ ହରିହର ଦାଶ ମହାରାଜଜୀଙ୍କ ଦ୍ୱାରା ଗୀତା ପଠନ କରାଯାଉଛି । ଶୁକ୍ରବାର ଉତ୍ସବର ପୂର୍ଣ୍ଣାହୁତି ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

## ଗଣିଆରେ ଉତ୍ସାହର ସହ ପାଳିତ ହେଲା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା

ଗଣିଆ, (ମହାଭାରତ): ସ୍ଥାନୀୟ ଗଣିଆ ଅଞ୍ଚଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରସିଦ୍ଧ 'ଲଙ୍କାପୋଡ଼ି ଯାତ୍ରା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଲଙ୍କାପୋଡ଼ି ଯାତ୍ରାର ଅନେକ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥିଲା। ବିଶେଷ କରି କାରିଗରଙ୍କ ଦ୍ୱାରା ନିର୍ମିତ ବିଶାଳକାୟ କାଷ୍ଠ ନିର୍ମିତ ରାବଣ ମୂର୍ତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମଶରରେ ରାବଣ ବଧର ଦୃଶ୍ୟ ସହ ଆକାଶଛୁଆଁ ରଙ୍ଗବେରଙ୍ଗର ଆତସବାଜି ପରିବେଶକୁ ଉତ୍ସବମୁଖର କରିଥିଲା। ଯାତ୍ରା ପଡ଼ିଆରେ ପଡ଼ିଥିବା ଭଳିକି ଭଳି ଦୋଳି ଓ ମିନା ବଜାରରେ ସନ୍ଧ୍ୟା ସମୟରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଣିଆ ପୋଲିସ ସହାୟତାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ଓ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ। ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ମନୋରମ ଦୃଶ୍ୟର ଭରପୂର ଆନନ୍ଦ ଉଠାଇଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ କଳାହାଣ୍ଡିରେ ୩୪ ଯୋଡିଙ୍କ ସାମୁହିକ ବିବାହ କାର୍ଯ୍ୟକ୍ରମ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ଅଧୀନରେ ଏକ ବ୍ୟାପକ ସାମୁହିକ ବିବାହ କାର୍ଯ୍ୟକ୍ରମ ଆଜି ଭବାନୀପାଟନା ସ୍ଥିତ ଏସ୍.ଏନ୍. ମ୍ୟାରେଜ ପ୍ୟାଲେସ୍‌ରେ ଜିଲ୍ଲା ପ୍ରଶାସନଙ୍କ ଏବଂ କର୍ତ୍ତବ୍ୟ ଅନୁଷ୍ଠାନଙ୍କ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜିକ ସୁରକ୍ଷାକୁ ସୁଦୃଢ଼ କରିବା, ଲିଙ୍ଗ ସମତାକୁ



ପ୍ରୋତ୍ସାହନ ଦେବା ଏବଂ ଆର୍ଥିକ ଭାବେ ଦୁର୍ବଳ ରହିଥିବା ପରିବାରମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରିବା। ଏହା ସହିତ ଶିଶୁ ବିବାହକୁ ରୋକିବା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା ଓ ସମାଜରେ ସୁସ୍ଥ ପରିବେଶ ସୃଷ୍ଟି କରିବା ମଧ ଏହି ଯୋଜନାର ଲକ୍ଷ୍ୟ ଅଟେ। ଏହି ଅବସରରେ ଆଜି ଜିଲ୍ଲାର ୩୪ ଜଣ ଯୋଗ୍ୟ ଯୁଗଳଙ୍କ ବିବାହ ସମ୍ପନ୍ନ କରାଯାଇଥିଲା। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାଓ୍ୱର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଡିଏମ୍ ଓ ପିଏଚଓ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ବିଡିଓ ଭବାନୀପାଟଣା ଚନ୍ଦନ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୈଲେନ୍ଦ୍ର ଶେଖର ମହାପାତ୍ର, କର୍ତ୍ତବ୍ୟ ଅନୁଷ୍ଠାନ ର ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଟେଣ୍ଡର ଦ୍ୱାରା ଦିଆଗଲା ଏନଏସି ଦୋକାନ ଗୃହ

ଦଶପଲ୍ଲା, (ମହାଭାରତ): ବହୁଦିନର ପ୍ରତୀକ୍ଷା ପରେ ମଙ୍ଗଳ ବାର ଦିନ ଏନ ଏ ସି ସଭାଗୃହରେ ତ୍ରିନାଥ ବଜାର ଠାରେ ଏବଂ କଚେରୀ ସମ୍ମୁଖରେ ଥିବା ଦୋକାନ ଗୃହକୁ ଟେଣ୍ଡର ପକ୍ରିୟା ରେ ଆବେଦନ କରିଥିବା ବ୍ୟକ୍ତି ଙ୍କୁ ପ୍ରଦାନ କରାଗଲା। ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ୧୨ନମ୍ବର କାଉନସିଲର ଅର୍ଚନା ସାହୁ ଙ୍କ ଉପସ୍ଥିତ ରେ ଗୋଳା ମାଧ୍ୟମରେ ସମସ୍ତ ଆବେଦନାକାରୀଙ୍କ ସମ୍ମୁଖରେ ନାମ ଡକାଯାଇ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

## ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ପ୍ରସ୍ତୁତି ବୈଠକ




ଆସିକା, (ମହାଭାରତ): ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ବିଜେ ଶ୍ରୀ ଶ୍ରୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ର ପ୍ରସ୍ତୁତି ବୈଠକ ଆସିକା ପୌରପରିଷଦ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଆସିକା ତହସିଲଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପୌର ପରିଷଦର ଅଧକ୍ଷା ବିନେତା ସ୍ୱାଇଁ, ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ପୌର ପରିଷଦରର କାର୍ଯ୍ୟ ନିର୍ବାହୀ ଅଧିକରୀ ରାଜେଶ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ବାଳ ଗୋପାଳ ବେହେରା ପ୍ରମୁଖ ମଂଚାସୀନ ରହିଥିଲେ । ଚଳିତ ୨୦୨୬ ବର୍ଷ ର ତିନି ଦିନ ବ୍ୟାପି ହେବାକୁ ଥିବା ବୈଶାଖୀ ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳା ହେବା ନିମନ୍ତେ ସମସ୍ତେ ବିଭାଗୀୟ ଅଧିକରୀ ମାନଙ୍କ ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ । ଅଗ୍ନିଶମ ବିଭାଗର ଆଗ୍ନିକ ଅଧିକରୀ କୈଳାସ ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାମ କୃଷ୍ଣ ପାଣିଗ୍ରାହୀ, ଜନ ସ୍ୱାସ୍ଥ୍ୟ ବିଭାଗ ର ଯନ୍ତ୍ରୀ ଶିବ ପ୍ରସାଦ ଦୋରା, ବିଦ୍ୟୁତ ବିଭାଗ ର ଯନ୍ତ୍ରୀ ଇ ରାକେଶ କୁମାର ପାତ୍ର,ଜଳ ସେଚନ ର ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ଏମ ଭି ଆଇ ବରିଷ୍ଠ ଆଇନଜୀବି ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ମନ୍ଦିର କମିଟି ସଭାପତି ସତ୍ୟ ନାରାୟଣ ସ୍ୱାଇଁ,ସମ୍ପାଦକ ସଚିଦାନନ୍ଦ ଖଟେଇ,ପରିଚାଳନା କମିଟି ନିମେଇ ପାଣିଗ୍ରାହୀ,ସମେତ ଅନେକ ସାହିବାସୀ ଉପସ୍ଥିତ ଥିଲେ ।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ମାଲକାନଗିରି କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୋଟ ୧୭ଟି ଯୋଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଏବଂ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଅର୍ଥ ଅଭାବରୁ ବିବାହ କରିପାରୁନଥିବା ଗରିବ ପରିବାର ପାଇଁ ଏକ ବଡ଼ ଆଶା। ଆମେ କେବଳ ସେମାନଙ୍କୁ ସାମାଜିକ ସ୍ୱୀକୃତି ଦେଉନାହୁଁ, ବରଂ ବିବାହ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କ ଭବିଷ୍ୟତର ଆଇନଗତ ସୁରକ୍ଷା ମଧ



ନିଶ୍ଚିତ କରୁଛୁ ।ସେହିପରି ମାଲକାନଗିରି ବିଧାୟକ ଶ୍ରୀ ମାଡ଼କାମୀ କହିଥିଲେ ଯେ, ସରକାରଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଆଜି ଆମ ଅଞ୍ଚଳର କନ୍ୟାମାନେ ସମ୍ମାନର ସହ ନୂତନ ଜୀବନ ଆରମ୍ଭ କରିପାରୁଛନ୍ତି। ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ମଧ ନିଜ ବାର୍ତ୍ତାରେ କହିଥିଲେ ଯେ, ଏଭଳି ସାମୂହିକ ବିବାହ ଉତ୍ସବ ସମାଜରେ ଯୌତୁକ ଭଳି କୁପ୍ରଥାକୁ ରୋକିବାରେ ଏକ ବଳିଷ୍ଠ ପଦକ୍ଷେପ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସିଡିଓ ତଥା ଇଓ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିବାହ ସମୟରେ କନ୍ୟା କୁ ୪୫ ହଜାର ଟଙ୍କା ର ଚେକ୍, ବିବାହ ପଞ୍ଜିକରଣ ସାର୍ଟିଫିକେଟ ଓ ଏକ ଫଳନ୍ତି ବୃକ୍ଷ ପ୍ରଦାନ କରାଯାଇଛି ।ସୂଚନା ଥାଉ କି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସାମାଜିକ କଲ୍ୟାଣକାରୀ ଯୋଜନା। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଗରିବ ଶ୍ରେଣୀର ପରିବାରକୁ ସେମାନଙ୍କ ଝିଅମାନଙ୍କ ବିବାହ ସମୟରେ ଆର୍ଥିକ ସହାୟତା ପ୍ରଦାନ କରିବା ।ଏହି ଯୋଜନା ମାଧ୍ୟମରେ ଦରିଦ୍ର ସୀମାରେଖା ତଳେ ଥିବା ପରିବାରର କନ୍ୟାମାନଙ୍କୁ ବିବାହ ପାଇଁ ଆର୍ଥିକ ସାହାଯ୍ୟ କରାଯାଉଛି। ଏହି ମହତ କାର୍ଯ୍ୟରେ ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ନଦୀକୁ ପଡ଼ିଲା ଚିପ୍ସ ଭର୍ତ୍ତି ହାଇଓ୍ୱା, ଚାଳକ ସୁରକ୍ଷିତ

ଲକ୍ଷ୍ମୀପୁର, ୨୧ ଏପ୍ରିଲ ୨୬: ଲକ୍ଷ୍ମୀପୁର ଥାନା ଅଞ୍ଚଳର ଧରଡ଼ା ବ୍ରିଜ ନିକଟରେ ଆଜି ପ୍ରଭାତୀ ସମୟରେ ଏକ ଅପରିକଳ୍ପିତ ଘଟଣା ଦେଖିବାକୁ ମିଳିଛି। ଚିପ୍ସ ଭର୍ତ୍ତି ଏକ ହାଇଓ୍ୱା ଗାଡି ବ୍ରିଜ ଉପରେ ଚଢ଼ିବା ବେଳେ ସନ୍ତୁଳନ ହାରାଇ ପଛକୁ ସରି ନଦୀ ଭିତରକୁ ଖସିପଡ଼ିଥିଲା ଖବର ଅନୁଯାୟୀ, ଓଡି-୧୦ଡି-୦୧୬୦ ନମ୍ବର ଗାଡିଟି ସେମିଳିଗୁଡା ଅଞ୍ଚଳରୁ ଚିପ୍ସ ବୋଝେଇ କରି ଫୁଲଜବା ଦିଗକୁ ଯାଉଥିଲା। ବ୍ରିଜ ନିକଟରେ ଥିବା ଘାଟି ଚଢ଼ିବା ସମୟରେ ଗାଡିଟି ଅଚାନକ ନିୟନ୍ତ୍ରଣ ହାରି ପଛକୁ ଖସିଯାଇଥିଲା, ଫଳରେ ସିଧାସଳଖ ନଦୀ ଭିତରେ ପଡ଼ିଯାଇଥିଲା। ଘଟଣାରେ ଚାଳକ ଅଳ୍ପକେ ଆହତ ହୋଇଥିଲେ ମଧ ସେ ବଡ଼ ବିପଦରୁ ବଞ୍ଚିଯାଇଥିବା ଜଣାପଡ଼ିଛି। ତେବେ ଗାଡିରେ ଥିବା ସମସ୍ତ ଚିପ୍ସ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ଗାଡିଟି ପଛରେ ଅନ୍ୟ କୌଣସି ଯାନ ନଥିବାରୁ ଏକ ବଡ଼ ଅପମାଦ ଟଳିଯାଇଛି। ଘଟଣା ପରେ ସ୍ଥାନୀୟମାନେ ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତିକୁ ନିରୀକ୍ଷଣ କରିଥିଲେ ।ଏନେଇ ଏପର୍ଯ୍ୟନ୍ତ ଲକ୍ଷ୍ମୀପୁର ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ହିନ୍ଦୋଳ ବନବିଭାଗ ଦ୍ୱାରା ମୂଲ୍ୟବାନ କାଠ ଜବତ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ରେଞ୍ଜର ବନବିଭାଗକୁ ମିଳିଛି ବଡ଼ ସଫଳତା । ଖବରରୁ ପ୍ରକାଶ ଆଜି ସକାଳେ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁରବିଟ ଅଧୀନ ହାତୁରା ପଂଚାୟତର ବଲସର ଅଞ୍ଚଳରେ ଏକ ପିକଅପ ଭ୍ୟାନରେ ମୂଲ୍ୟବାନ ଶାଳ, ଶାଗୁଆନ କାଠଖଣ୍ଡି ଚୋରାଚାଲାଣ ହେଉଥିବା ଖବର ବିଶେଷ ସୁତ୍ରରୁ ଜାଣି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳେବଳେ ଚଢ଼ାଉ କରି ଥିଲେ।ଏହି ଚଢ଼ାଉରେ ପ୍ରାୟ ୩୦ସିଫ୍ଟ ଶାଗୁଆନ, ଶାଳ ଗଣ୍ଡି ସହ ପିକଅପ ଭ୍ୟାନ ଜବତ କରିବାସହ ଡ୍ରାଇଭରକୁ ଅଟକ ରଖିଛନ୍ତି। ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ସୁଚିନ୍ତିତ ଯୋଜନା ଓ ପ୍ରତ୍ୟକ୍ଷ ତତ୍ୱାବଧାନରେ ତାଙ୍କସହ କର୍ଣ୍ଣପୁର ବିଟ ଫରେଷ୍ଟର, ହିନ୍ଦୋଳ ବନବିଭାଗ କର୍ମଚାରୀ ମାନେ ସାମିଲ ହୋଇ ଚୋରା କାଠ ଚାଲାଣକୁ ଅକ୍ତିଆର କରିଥିଲେ ଏବଂ ଜବତ କାଠର ଆନୁମାନିକ ମୂଲ୍ୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବବୋଲି ଜଣା ପଡିଛି ।ହିନ୍ଦୋଳ ରେଞ୍ଜର ଓ ବନବିଭାଗର ଏହି ସଫଳତା ପାଇଁ ହିନ୍ଦୋଳବାସି ଉଚ୍ଚ ପ୍ରଶଂସା କରିଛନ୍ତି।

## ପଞ୍ଚାୟତରେ କିଡନୀ ରୋଗ ଆତଙ୍କ

# ଗତବର୍ଷ ମରିଥିଲେ ୭ ଜଣ, ବର୍ତ୍ତମାନ ୧୭ ଚିକିତ୍ସାଧୀନ

ଛତ୍ରପୁର: ଗଞ୍ଜାମଜିଲ୍ଲା ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତରେ ଗତ ୧୫ ବର୍ଷ ଭିତରେ କିଡ୍ନିଜନିତ ରୋଗ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପଞ୍ଚାୟତ ନିକଟରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍ଇଏଲ) କମ୍ପାନିର ମୋନାଜାଇଟ୍ ପ୍ଲାଣ୍ଟ ଯୋଗୁଁ ପାଣି ଦୂଷିତ ହେଉଥିବାରୁ ଏହାକୁ ପିଇ ଲୋକେ କିଡନୀ ରୋଗରେ ପଡୁଥିବା ଅଭିଯୋଗ ହେଉଥିଲେ ବି ଏୟାବ୍ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଛି।ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ପୂର୍ବତନ ସରପଞ୍ଚ ପଦ୍ମଚରଣ ସାହୁଙ୍କ ଭାଇ ବସନ୍ତ କୁମାର ସାହୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିଲେୟ ବର୍ତ୍ତମାନ କାଳିପଲ୍ଲୀ, ବଡ଼ପୁଟି, ହରିପୁର ଓ ବନ୍ଦରଗାଁ ଅଞ୍ଚଳରୁ ମୋଟ ୧୭ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଉଅଛନ୍ତି। ତେବେ ବିଗତ କିଛିବର୍ଷ ମଧ୍ୟରେ କିଡ୍ନି ରୋଗ ପଞ୍ଚାୟତର ୪୦ ଜଣଙ୍କ ଜୀବନ ନେଇଥିବା ବେସରକାରୀ ତଥ୍ୟ କହୁଛି। ଗୋଟିଏ ପଞ୍ଚାୟତରୁ




ଏତେସଂଖ୍ୟକ ଲୋକ କିଡ୍ନି ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ଖାମଖିଆଲ ନୀତି ଆପଣାଉଥିବା ଗ୍ରାମବାସୀ କହିଛନ୍ତି। କାଳିପଲ୍ଲୀ, ବାସନାପୁଟି, ଉପୁଲାପୁଟି, ହରିପୁର, ବନ୍ଦର, ରେକତୁର, ବଡ଼ପୁଟି, ଭାଗିନେପଟ, ଲକ୍ଷ୍ମୀପୁର, ଏସ୍.ପାଇକପଡ଼ା, ଇ.ପାଇକପଡ଼ା ଓ ପଲିପଦର ଏଭଳି ୧୨ଟି ଗାଁକୁ ନେଇ କାଳିପଲ୍ଲୀ ପଞ୍ଚାୟତ ଗଠିତ। ଏହି ସମସ୍ତ ଗ୍ରାମରେ ବର୍ତ୍ତମାନ କିଡ୍ନି ରୋଗୀ ଥିବା ବେଳେ କାଳିପଲ୍ଲୀ ଓ ବଡ଼ପୁଟିରେ ଏହି ସଂଖ୍ୟା ଅଧିକ। ବାରମ୍ବାର ଅଭିଯୋଗ ପରେ ରୋଗର କାରଣ ଖୋଜିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମକୁ ଆସୁଛି।ସ୍ୱାସ୍ଥ୍ୟ ପରୀକ୍ଷା କରି ପାଣି ନମୁନା ମଧ୍ୟ ସଂଗ୍ରହ କରୁଛି। କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହାର ମୂଳ କାରଣ ଖୋଜି ପାଇପାରୁନି।ଅନ୍ୟପକ୍ଷରେ ଆଇଆର୍ଇଏଲ୍ ପକ୍ଷରୁ ପ୍ରତି ଗ୍ରାମର ଜଣେ ଜଣେ ଲୋକଙ୍କ ୨୦ ପ୍ରକାର ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରି ମାସରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଇଆର୍ଇଏଲ୍ ପକ୍ଷରୁ ସ୍କ୍ରିନିଂ ପାଇଁ ଯୋଜନା ଆରମ୍ଭ ହୋଇଥିଲା। ହେଲେ ମାତ୍ର ଗୋଟିଏ ଦିନ ସ୍କ୍ରିନିଂ ହୋଇଥିବା ବେଳେ ହଠାତ ବନ୍ଦ କରି ଦିଆଯାଇଥିଲା। କିଡ୍ନି ରୋଗ ବ୍ୟାପୁଥିବାରୁ ଲୋକେ ରହିବାକୁ ବି ସୁରକ୍ଷିତ ମଣୁନାହାନ୍ତି। ଆଇଆର୍ଇଏଲ୍ କର୍ତ୍ତୃପକ୍ଷ ସ୍କ୍ରିନିଂ ନାଁରେ ଭୁଆଁ ବୁଲାଉଥିବା ଲୋକେ କହିଛନ୍ତି। କମ୍ପାନି କର୍ତ୍ତୃପକ୍ଷଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ସଠିକ ରିପୋର୍ଟ ପଦାକୁ ଆଣୁନି ବୋଲି ମଧ୍ୟ ଅଭିଯୋଗ ହୋଇଛି।ଅନ୍ୟପକ୍ଷରେ ଏହି ପଞ୍ଚାୟତ ସ୍ୱାସ୍ଥ୍ୟସେବା ସମେତ ଅନ୍ୟ ମୌଳିକ ସୁବିଧାରୁ ବି ବଞ୍ଚିତ ହୋଇ ରହିଛି। ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ସାମାନ୍ୟ ରୋଗର ଚିକିତ୍ସା ପାଇଁ ବ୍ରହ୍ମପୁର ଓ ଛତ୍ରପୁର ଆସୁଛନ୍ତି। ଜମି ନେଇ ଶିଳ୍ପପତିମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉ ନଥିବା ଅଭିଯୋଗ ହେଉଛି। ପଞ୍ଚାୟତର ୬୦ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ୨୦୦ ହିତାଧିକାରୀ ଭତ୍ତା ପାଉନଥିବାରୁ ନାହାନ୍ତିୟ ରାସନକାର୍ଡରୁ ବି ଶତାଧିକ ହିତାଧିକାରୀ ବଞ୍ଚିତ ହୋଇ ରହିଛନ୍ତି। ପଞ୍ଚାୟତର ବିକାଶ ପାଇଁ ଅନୁଦାନ ବି ଆସୁନି।

## ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ବେହେରାଙ୍କ ମତୃବିୟୋଗ

ଗଜପତି ଜିଲ୍ଲା ର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ବିବେକୟ ନନ୍ଦ ବେହେରାଙ୍କ ମତୃବିୟଗ ହୋଇଯାଇଛି। ସେସେ ଦର୍ଶନ ବେଳେ ତାଙ୍କର ତିନିଗୋଟି ଝିଅ, ରୁନୁ ସାମଲ, ମନୋରମା ମଲ୍ଲିକ, ଗୀତାଞ୍ଜଳି ପାତ୍ର, ଙ୍କ ସମେତେ ଜୋଇଁ, ଅମ୍ରି ପାତ୍ର, ଓ ବଡ଼ ଜୋଇଁ ଉଦୀୟ ଚନ୍ଦ୍ର ମଲ୍ଲିକ, ନାତୁଣୀ କ୍ଷମୟ,ପଭି, ରିୟା ପ୍ରମୁଖ ଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ରହି ସଦଗତି କାମନା କରି ଥିଲେ। ସେ ଜଣେ ମିଷ୍ଟୟ ଭାସି ପରୋପକାରୀ ଓ ଧର୍ମ ପରାୟଣ ମହିଳା ଥିଲେ। ତାଙ୍କର ସେଶେ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗ ଦ୍ୱାର ରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ର ବହୁ ସାମ୍ବାଦିକ ତାଙ୍କର ସଦ ଗତି କାମନା କରିଛନ୍ତି।

## ଲାଞ୍ଜିଗଡ ଠାରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ



ଲାଞ୍ଜିଗଡ, (ମହାଭାରତ ) ଲାଞ୍ଜିଗଡ ବ୍ଲିକ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ତରଫରୁ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡ ପ୍ରତିରୋଧ, ସତର୍କତା ଓ ଜରୁରୀକାଳୀନ ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କ ସମେତ ବିଭିଓ ସ୍କୁଲ, କଲେଜ ଓ ଡାକ୍ତରଖାନା ମାନଙ୍କୁ ଅଗ୍ନିଶମ ବିଭାଗ ଦ୍ୱାରା ସଚେତନତା କରାଯାଇଥିଲା। ବିଶ୍ୱନାଥପୁର ଡାକ୍ତରଖାନା, ବେଦାନ୍ତ ଡାକ୍ତରଖାନା, ଯୋଡ଼ାବନ୍ଧ, ଛତ୍ରପୁର ସରକାରୀ ବିଦ୍ୟାଳୟ, ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଓ ଆରବିକେ କଲୋନୀ ଗୁଡିକରେ ଅଗ୍ନି ସୁରକ୍ଷା ସଚେତନତା ଓ ମକ୍ ଡ୍ରିଲ କରାଯାଇଥିଲା। ଲାଞ୍ଜିଗଡ଼ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ବରେ ଲାଞ୍ଜିଗଡ଼ ଅଗ୍ନିଶମ ଦଳ ଓ ବେଦାନ୍ତ ଅଗ୍ନିଶମ ବିଭାଗର ସହାୟକ ଅଗ୍ନିଶମ ଅଧିକାରୀ ଭବାନୀ ଶଙ୍କର ନନ୍ଦଙ୍କ ଦଳର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିକ ଦେବରାଜ ସାରକା, ଆଗ୍ନିକ ସୁଧାଂଶୁ ଶେଖର ଦାସ, ଆଗ୍ନିକ ଦୁଶବନ୍ତ ସାହୁ, ଆଗ୍ନିକ ମହିନ୍ଦ୍ର ଭୋଇ, ଆଗ୍ନିକ ମୋନଜ ଦଣ୍ଡିଆ, ହେମନ୍ତ ଭୋଇ, ବ୍ରଜ କିଶୋର ମହାରଣା, ମୁଖ୍ୟ ଗାଡି ଚାଳକ ଅଶୋକ କୁମାର ଘିବେଲା, ଗାଡି ଚାଳକ ଶିବ କିସାନ ପ୍ରମୁଖ ସହଯୋଗ କରିଥିଲେ।

## ଦେବଗିରିରେ ପର୍ଯ୍ୟଟନ ଶିଳ୍ପ ବିକାଶ ଆଣ୍ଠେଇଛି

# ୧.୨୩ କୋଟି ଟଙ୍କାରେ କେବଳ ପ୍ରବେଶଦ୍ୱାର ନିର୍ମାଣ



ପାରଳାଖେମୁଣ୍ଡି: ପ୍ରକୃତିର ବରଦାନରେ ଭରପୁର ଗଜପତିଜିଲ୍ଲା । ଏହି ଜିଲ୍ଲାରେ ପାହାଡ଼ ଜଙ୍ଗଲ ଘେରା ସବୁଜ ବନାନୀର ଆକର୍ଷଣୀୟ ପରିବେଶ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଅନେକ ଜଳପ୍ରପାତ ଓ ଐତିହ୍ୟ ତଥା କିମ୍ବଦନ୍ତୀ ସମ୍ପନ୍ନ ଅନେକ ସ୍ଥାନରହିଛି । ଗଜପତି ଜିଲ୍ଲାରେ ମହେନ୍ଦ୍ରଗିରି ଗିରି ଭଳି ଆଉ ଗୋଟିଏ ପର୍ବତ ଶୃଙ୍ଗ ରହିଛି ଦେବଗିରି। ହେଲେ ମହେନ୍ଦ୍ରଗିରି ଭଳି ଦେବଗିରି ପାହାଡ ଐତିହ୍ୟ ସଂସ୍କୃତି ସହ ଯୋଡି ହୋଇ ନଥିଲେ ମଧ ପ୍ରାକୃତିକ ସୋନ୍ଦର୍ଯ୍ୟରେ ଭରପୁର , ଏହି ପାହାଡର ପରିବେଶ ଅତ୍ୟନ୍ତ ମନୋରମ।ଔଷଧୀୟ ବୃକ୍ଷଲତା ସାଙ୍ଗକୁ ଜଙ୍ଗଲି ଜନ୍ତୁଙ୍କ ଚଳ ପ୍ରଚଳ ରହିଛି , ପାହାଡ ଶିଖରରେ ବିସ୍ତିଓ ସମତଳ ଅଞ୍ଚଳ ସହ ଏକ ପାର୍ଥନା ସ୍ଥଳ ଥିବା କୁହାଯାଉଛି । ଦିନ ଥିଲା ଏହି ଅଞ୍ଚଳ ବାଉଁଶ , ସାଗୁଆନ ଏବଂ ବାସ ଚନ୍ଦନର ଜଙ୍ଗଲ ଭାବରେ ବେସ ପରିଚିତ ଥିଲା , କିନ୍ତୁ ଆଉ ଏବେ ତାହା ନାହିଁ , ତଥାପି ବିସ୍ତିନ ଘଞ୍ଚଜଙ୍ଗଲ ସହ , ଏକାଧିକ ଜଳପ୍ରପାତ ଏବଂ ତାର ଶୀତଳ ଆଉ ଶାନ୍ତ ପରିବେଶ ନିଶ୍ଚିତ ଭାବରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ , ତେଣୁ ରାଜ୍ୟ ସରକାର ଦେବଗିରି କୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିବା ପାଇଁ ଦେବଗିରିର ବିକାଶ ନିମନ୍ତେ ରୁପରେଖ ପ୍ରସ୍ତୁତ କରି ୨୦୨୪ - ୨୫ ଆର୍ଥିକ ବର୍ଷରେ ଦେବଗିରି ପର୍ବତ ଶୃଙ୍ଗର ଆକର୍ଷଣୀୟ ପ୍ରାର୍ଥନା ସ୍ଥଳୀର ବିକାଶର ପାଇଁ ୧ କୋଟି ୨୩ ଲକ୍ଷ, ଅନୁଦାନ ପ୍ରଦାନ ସହ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି।ପର୍ଯ୍ୟଟନ ସ୍ଥାନର ବିକାଶ କରିବା ସହ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ରାଜ୍ୟ ସରକାରୟ ଭିତ୍ତିଭୂମି, ରାସ୍ତାଘାଟ, ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ଅନୁଦାନ ମଧ୍ୟ ମଞ୍ଜୁର କରିଥିଲେ। ଠିକା ସଂସ୍ଥା ଟେଣ୍ଡର ପାଇ ୨୦୨୫ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ନାମକୁ ମାତ୍ର ପର୍ବତ ପାଦ ଦେଶରେ ଗୋଟିଏ ପ୍ରବେଶ ଦ୍ୱାର କରିଦେଇ ଚୁପ ବସିଛି। ଏନବିସିସି ନାମକ ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦ୍ୱାୟିତ୍ୱ ନେଇଥିବା ବେଳେ ଠିକା ସଂସ୍ଥା କାହିଁକି କାର୍ଯ୍ୟ ବନ୍ଦ କରି ରଖିଛି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଠିକା କମ୍ପାନୀ ପକ୍ଷରୁ ଦିଆଯାଇନଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ ସଂଗ୍ରାମଙ୍କ ସୂଚନା ପ୍ରକାରେ କିଛି ସ୍ଥାନୀୟ ଅଧିବାସୀ ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଛନ୍ତି ତେଣୁ ନିର୍ମାଣ କାର୍ଯ୍ୟ ଆଗେଇ ପାରିନି । ତେବେ ଏନେଇ କୌଣସି ଅନୁଷ୍ଠାନ କିମ୍ୱା ସ୍ଥାନୀୟ ଜନ ପ୍ରତିନିଧି ବିରୋଧ କରୁଥିବା ନେଇ କୌଣସି ସ୍ଥାନରେ ଲିଖିତ ଅଭିଯୋଗ କରିନାହାନ୍ତି , ତେଣୁ ଉନ୍ନୟନ କାର୍ଯ୍ୟକୁ ସତରେ ବିରୋଧ କରୁଛନ୍ତି ନାଁ ନିଜ ଅପାରଗତାକୁ ଲୁଚାଇବା ପାଇଁ ଠିକାଦାର ଏଭଳି କହିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ ।ସୂଚନା ଥାଉକି ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାହାଡ଼ ଶିଖର ଭାଗରେ ଗୋଟିଏ ଆଶ୍ରୟ ସ୍ଥଳ ଓ ଦୁଇଟି ପିଣ୍ଡି ନିର୍ମାଣ ସହ କୂପର ଉଦ୍ଧାର କରଯାଇଛି, ୭ କିଲୋମିଟର ପାହାଡ଼ିଆ ରାସ୍ତା ସୁଗମ ହେଲେ ପର୍ଯ୍ୟଟକଙ୍କ ପାଇଁ ବାଟ ଫିଟିବ । ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ପୁରାତନ ଜୀବନ ଶୈଳୀ ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିପାରିଛି। ପର୍ଯ୍ୟଟନର ବିକାଶ ହେଲେ ରୋଜଗାର ସୃଷ୍ଟି ହେବା ସହ ବ୍ୟବସାୟ ବୃଦ୍ଧି ପାଇବ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ତେଣୁ ସ୍ଥାନୀୟ ବାସିନ୍ଦା ଉତ୍ତୟନ କାର୍ଯ୍ୟରେ ସହଯୋଗ କରିବା ଆବଶ୍ୟକ ରହିଛି ।

## ୧୭ ଯୋଡ଼ି ଦମ୍ପତିଙ୍କ ସାମୁହିକ ବିବାହ ସମ୍ପନ୍ନ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ପ୍ରଶାସନ ଆଜି ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୭ ଯୋଡ଼ା କନ୍ୟା ଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି । ନିଜ ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତ୍ତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ର ହୋତ୍ତନାଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ ଏବଂ ୪୫୦୦୦/- ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀଯୁକ୍ତ କାମଦେବ ବଡ଼ନାୟକ, ମୁଖ୍ୟ



ଉତ୍ତୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜକୁ ବାର୍ତା ଦେଉଛି ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ। ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ-୬୦୦୦୦/- ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫୦୦୦/- ସିଧାସଳଖ କନ୍ୟାର ବ୍ୟାଙ୍କ ଆକଣ୍ଟ୍‌କୁ ଏବଂ ୧୫୦୦୦/- ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଥାଏ। ଯୋଗ୍ୟତା ଅନୁଯାୟୀ କନ୍ୟାର ବୟସ ୧୮-୩୫ ବର୍ଷ ଏବଂ ବରର ବୟସ ୨୧-୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକୟ ବିଧବା ପୁନଃ ବିବାହ, ଅନୁସୂଚିତ ଜାତି , ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରାଥମିକତା ଦିଆଯାଇଥାଏ। ଆଜିର କାର୍ଯ୍ୟକ୍ରମରେ ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଛି।

## ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରଶାସନର ନିଷ୍ପତ୍ତି: ୨୫ ତାରିଖ ଯାଏଁ ଶିକ୍ଷାନୁଷ୍ଠାନ ବନ୍ଦ

ମାଲକାନଗିର(ମହାଭାରତ):ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ନେଇ ଏକ ବଡ଼ ଘୋଷଣା କରାଯାଇଛି। ଜିଲ୍ଲାରେ ପ୍ରକଟ ହୋଇଥିବା ପ୍ରବଳ ତାତି ଓ ଗୁଳୁଗୁଳିରୁ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆସନ୍ତା ଏପ୍ରିଲ ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ପାଇଁ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ପାଇଁ ଲାଗୁ ହେବ। ତେବେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ଓସେପା ଦ୍ୱାରା ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜାରି ରହିବୟ ଏହା ସହିତ ବିଏସଇ , ସିଏଚଏସଇ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ଅନ୍ୟ କୌଣସି ନିର୍ଦ୍ଧାରିତ ପରୀକ୍ଷା ମଧ୍ୟ ପୂର୍ବ କାର୍ଯ୍ୟକ୍ରମ ଅନୁଯାୟୀ ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଜିଲ୍ଲା ସ୍ତରୀୟ ସଦାଶିବ ତ୍ରିପାଠୀ ଜୟନ୍ତୀ

ମାଲକାନଗିରି, (ମହାଭାରତ):ମାଲକାନଗିରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡଃ ତ୍ରିପାଠୀଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉପ-ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ଡଃ ସଦାଶିବ ତ୍ରିପାଠୀ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତାୟ ତାଙ୍କର ନିର୍ମଳ ଶାସନ ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ।କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଡଃ ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେମାନେ ମିଳିତ ଭାବେ କହିଥିଲେ ଯେ, ଡଃ ତ୍ରିପାଠୀଙ୍କ ସରଳ ଜୀବନଯାପନ ଏବଂ ଶିକ୍ଷାର ପ୍ରସାର ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଅତୁଳନୀୟ। ଜଣେ ଗାନ୍ଧୀବାଦୀ ନେତା ଭାବେ ସେ ସର୍ବଦା ନିଷ୍ପେସିତଙ୍କ ସ୍ୱର ହୋଇ ରହିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଏବଂ ହରେକୃଷ୍ଣ କୀର୍ତ୍ତନିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି ଜୟନ୍ତୀରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସଡ଼କ, ସ୍ୱାସ୍ଥ୍ୟ, ପାନୀୟ ଜଳରୁ ବଞ୍ଚିତ ତଳାରିମାହା ପଞ୍ଚାୟତ

ଘୁ.ଉଦୟଗିର: :କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ତଳାରିମାହା ପଞ୍ଚାୟତର ଅନେକ ଗ୍ରାମକୁ ପକ୍କାସଡ଼କ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତଓ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଆଜି ଯାଏଁ ଅପହ□ ରହିଛି। ୧୧ ଗୋଟି ୱାର୍ଡ, ୧୪ ଗୋଟି ରାଜସ୍ୱ ଗ୍ରାମ ଓ ୩୪ ଗୋଟି ପଡା ଗ୍ରାମକୁ ନେଇ ତଳାରିମାହା ଗ୍ରାମପଞ୍ଚାୟତ ଗଠିତ। ଏହାର ଜନସଂଖ୍ୟା ୩୫୦୦ରୁ ଉର୍ଦ୍ଧ୍ୱ । ଗଟାମାହା, ଭଞ୍ଜପଦର, ସାକା, ଦଦଡ଼ମାହା, ଡାଡ଼ିସାହି, ପଧାନପଡା, ଡୁଗୁଡ଼ି-କ, ଡୁଗୁଡ଼ି-ଖ, କାସିରିଖୋଲ, ରେଢ଼ାସିଙ୍ଗି, କରିକାଡୁ ଏବଂ ପିତାଦେଇ ଗ୍ରାମକୁ ବସୁଧା ଯୋଜନାରେ ଜଳଯୋଗାଣ ହୋଇପାରିନାହିଁ। ପଞ୍ଚାୟତର ପିତାଦେଇ ଏକ ଦୁର୍ଗମ ଗ୍ରାମ ହୋଇଥିବା ବେଳେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ, ବିଦ୍ୟୁତ ସ୍ୱାସ୍ଥ୍ୟ, ଶିକ୍ଷା ସେବା, ମୋବାଇଲ୍ ନେଟୱାର୍କ ଏବଂ ପାନୀୟଜଳ ରୁ ଗ୍ରାମବାସୀ ମାନେ ବଞ୍ଚିତ ଅଛନ୍ତି ।ତଳାରିମାହା ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ତଳାରିମାହା ଠାରେ ଏକ ନୂତନ ସବ୍ ସେଣ୍ଟର୍ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ଯାହା ଦ୍ୱାରା ଜନସାଧାରଣ ମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସାକା, ଦଦଡ଼ିମାହା ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ପଞ୍ଚାୟତର ତଳାରିମାହା, ଗଟାମାହା,



ଭଞ୍ଜପଦର, ଡାଡ଼ିସାହି, କରିକାଡୁ, ପିତାଦେଇ ଗ୍ରାମରେ ମୋବାଇଲ ଟାୱାର ନଥିବାରୁ ଗ୍ରାମବାସୀମାନେ ମୋବାଇଲ୍ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି ।ତିନି ମାସ ହେଲା ଟୋପାଏ ପାଣି ପାଇଁ ଡହଳବିକଳ ଘୁ ଉଦୟଗିରି ଏନଏସିର ୮ ନମ୍ବର ୱାର୍ଡ ବାସିନ୍ଦା। ଅଞ୍ଚଳବାସୀଙ୍କ ଜମି ଅଛି ହେଲେ ଚାଷ କରିବା ପାଇଁ ଜମିକୁ ଜଳ ନାହିଁ ଏଣୁ ଜମି ପଡିଆ ପଡି ରହୁଛି ।ଚାଷୀ ଚାଷ ପ୍ରତି ମୁହଁ ମୋଡି ଦାଦନ ଖଟିବାକୁ ସୁଦୂର କେରଳ,ବେଙ୍ଗାଲୁର,ସୁରଥ,ଚେନେଇ ଜାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ପଞ୍ଚାୟତର ଡୁଗୁଡ଼ି ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ତଳ-ବାଲୁମାହା, ସାକା, ଗଟାମାହା, ପଧାନପଡ଼ା ଏବଂ ଡୁଙ୍ଗି ଗ୍ରାମ ବ୍ୟତୀତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ ।ପଞ୍ଚାୟତରର ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଗଟାମାହା ଗ୍ରାମର ସମାଜସେବୀ ରାଜେଶ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ୧୦୦ ରୁ ଉର୍ଦ୍ଧ୍ୱ ଚିଠି ପତ୍ର ଲେଖି ଅବଗତ କରିବା ପରେ ତଳାରିମାହା ଠାରୁ ରେଢ଼ାସିଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇପାରିଛି ଏବଂ ଜବେଡ଼ି, ବାଲୁମାହା, ପଧାନପଡ଼ା ଓ କାସିରିଖୋଲ ଠାରେ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଛି ।




# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ବାପା ସହ ବିବାଦରୁ ୧୧ ବର୍ଷର ପୁଅକୁ ନିର୍ମମ ହତ୍ୟା, ନୀଳ ଡ୍ରମ୍ ଭିତରୁ ମିଳିଲା ନାବାଳକର ରକ୍ତଭିଜା ଶବ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ସତନା ଜିଲ୍ଲା ଅନ୍ତର୍ଗତ ବ୍ୟାଙ୍କ କଲୋନୀରେ ସୋମବାର ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି, ଯେଉଁଠାରେ ଜଣେ ୧୧ ବର୍ଷର ନାବାଳକକୁ ତଣ୍ଟି କାଟି ହତ୍ୟା କରିବା ପରେ ଶବକୁ ଏକ ନୀଳ ରଙ୍ଗର ପ୍ଲାଷ୍ଟିକ୍ ଡ୍ରମ୍ ଭିତରେ ଲୁଚାଇ ରଖାଯାଇଥିଲା। ପୁରୁଣା ଶତ୍ରୁତା ଓ ବାପାଙ୍କ ସହ ବିବାଦର ପ୍ରତିଶୋଧ ନେବା ପାଇଁ ସେହି କଲୋନୀରେ ଲଣ୍ଡ୍ରି ଦୋକାନ ଚଲାଉଥିବା ମଥୁରା ରଜକ ନାମକ ଜଣେ ବ୍ୟକ୍ତି ଏହି ନିର୍ମମ କାଣ୍ଡ ଘଟାଇଥିବା ସନ୍ଦେହ



କରାଯାଉଛି। ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩ ଅନୁଯାୟୀ ମାମଲା ରୁଜୁ କରିବା ସହ ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ଦୁଃଖଦ ଘଟଣାଟି ସେତେବେଳେ ଜଣାପଡ଼ିଥିଲା ଯେତେବେଳେ ନାବାଳକର ମା'' ଆଶା ରଜକ ଅପରାହ୍ନ ପ୍ରାୟ ୧୨:୩୦ ବେଳେ ଘରକୁ ଫେରି ବାହାରୁ ତାଲା ପଡ଼ିଥିବା ଦେଖିଥିଲେ। ପୁଅକୁ କେଉଁଠି ନପାଇବାରୁ ସେ ପୋଲିସକୁ ଖବର ଦେଇଥିଲେ ଏବଂ ପୋଲିସ ଘରର ତାଲା ଭାଙ୍ଗି ତଦନ୍ତ କରିବା ପରେ ରକ୍ତଭିଜା ତକିଆ ଓ ଡ୍ରମ୍ ଭିତରୁ ଶବ ଉଦ୍ଧାର କରିଥିଲା। ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ ବାଳକର ବାପା ମହାରାଷ୍ଟ୍ରରେ କାମ କରୁଥିବା ବେଳେ ଅଭିଯୁକ୍ତ ମଥୁରା ପୂର୍ବରୁ ଆଶାଙ୍କୁ ହଇରାଣ କରୁଥିଲା ଏବଂ ପ୍ରାୟ ୧୦ ଦିନ ପୂର୍ବରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଶତ୍ରୁତା ଯୋଗୁଁ ମଥୁରା ପୂର୍ବରୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା ଏବଂ ବର୍ତ୍ତମାନ ସେ ନିଜର ମୋବାଇଲ୍ ବନ୍ଦ କରି ଫେରାର ରହିଛି।

## ଇରାନର ଚେତାବନୀ, ଧମକ ଚଳିବ ନାହିଁ, ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ

ନୂଆଦିଲ୍ଲୀ: ଇରାନର ଚେତାବନୀ । "ଧମକ ଚଳିବ ନାହିଁ, ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ" । ଇରାନର ବଡ଼ ବୟାନ, "ଆମ ପାଖରେ ନୂଆ ଅସ୍ତ୍ର ଅଛି !" । ଆମେରିକାକୁ ଚ୍ୟାଲେଞ୍ଜ ଦେଇ କହିଛି "ଆମେ ଆତ୍ମସମର୍ପଣ କରିବୁ ନାହିଁ ।" ଦୁନିଆ ଉପରେ ବିପଦ, କାଲି ସରୁଛି ସମୟ ସୀମା, ପୁଣି କ'ଣ ଯୁଦ୍ଧ ହେବ? । ଧମକ ମଧ୍ୟରେ କୌଣସି ଆଲୋଚନା ସମ୍ଭବ ନୁହେଁ । ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଦୁଇ ସପ୍ତାହର ଅସ୍ଥାୟୀ ଶାନ୍ତି ଚୁକ୍ତି ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବାକୁ ଯାଉଛି । ଏହା ପୂର୍ବରୁ ଇରାନ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର ଗଲିବାଫ୍ କହିଛନ୍ତି ଯେ, ଆମେରିକାର ଚାପ ଆଗରେ ଇରାନ ମୁଣ୍ଡ ନୁଆଁଇବ ନାହିଁ । ଯଦି ପରିସ୍ଥିତି ବିଗିଡ଼େ, ତେବେ ଯୁଦ୍ଧ ମଇଦାନରେ ଦେଖାଇବା ପାଇଁ ଇରାନ ପାଖରେ "ନୂଆ ଚାଲ୍" ବା ଶକ୍ତିଶାଳୀ ରଣନୀତି ପ୍ରସ୍ତୁତ ଅଛି । ଗଲିବାଫ୍ କହିଛନ୍ତି, ଆମେରିକା ଆଲୋଚନା ପାଇଁ ନୁହେଁ ବରଂ ଇରାନକୁ "ଆତ୍ମସମର୍ପଣ" କରାଇବାକୁ ଚାହୁଁଛି । ଇରାନ କୌଣସି ଧମକ ଭୟରେ ଆଲୋଚନା କରିବ ନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଯଦି କୌଣସି ସ୍ଥାୟୀ ଚୁକ୍ତି ନହୁଏ, ତେବେ ଶାନ୍ତି ଚୁକ୍ତିର ସମୟ ସୀମା ବଢ଼ାଯିବ ନାହିଁ । ଏମିତିକି ଇରାନ ଉପରେ ବୋମା ମାଡ଼ ଓ ଆକ୍ରମଣର ଚେତାବନୀ ମଧ୍ୟ ଦିଆଯାଇଛି । ଆମେରିକା ଇରାନର ବନ୍ଦରଗୁଡ଼ିକୁ ଘେରାବନ୍ଦୀ କରି ରଖିଛି, ଯାହାକୁ ଇରାନ "ଜଳଦସ୍ୟୁତା" ବୋଲି କହିଛି ।

## ପଶ୍ଚିମବଙ୍ଗରେ ଲାଗିଲା ନିର୍ବାଚନୀ କଟକଣା

କୋଲକତା : ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ମତଦାନ ଏପ୍ରିଲ ୨୩ ତାରିଖରେ ହେବ । ଏହା ପୂର୍ବରୁ ପଶ୍ଚିମବଙ୍ଗରେ ଦୁଇ ଚକିଆ ଯାନ ଉପରେ କଟକଣା ଲଗାଯାଇଛି । ବାଇକରେ ରାଲି ବ୍ୟାନ୍ କରିବା ସହ, ରାତିର ବାଇକ୍ ଚଳାଇବା ଉପରେ କଟକଣା ଲଗାଯାଇଛି । ବାଇକରେ ପଛରେ କାହାକୁ ବସାଇବା ଉପରେ ମଧ୍ୟ କଟକଣା ଲଗାଇଛନ୍ତି ନିର୍ବାଚନ କମିଶନ । ଏହି କଟକଣା ଆଜିଠାରୁ ଲାଗୁ ହୋଇଛି । ରାଜ୍ୟର ସମସ୍ତ ୧୫୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି କଟକଣା ଲାଗୁ ହେବ । ପଶ୍ଚିମବଙ୍ଗରେ ନିର୍ବାଚନ ମାହୋଲ ଖୁବ୍ ଉତ୍ତେଜନା ମୂଳକ ଥିବା ବେଳେ ରାତିରେ ବାଇକ୍ ଚଳାଇବା ମନା କରାଯାଇଛି । ସନ୍ଧ୍ୟା ୬ରୁ ସକାଳ ୬ଟା ପର୍ଯ୍ୟନ୍ତ କେହି ବି ବାଇକ କିମ୍ବା ସ୍କୁଟର ଚଳାଇ ପାରିବେ ନାହିଁ । ତେବେ ମେଡିକାଲ ଓ ପାରିବାରିକ କାର୍ଯ୍ୟକ୍ରମ ଭଳି ଜରୁରୀ ପରିସ୍ଥିତିରେ କଟକଣା କୋହଳ କରାଯାଇଛି ।

# ୟୁଏଇରେ ଇରାନ ସମର୍ଥିତ ଆତଙ୍କବାଦୀ ଷଡଯନ୍ତ୍ର ପଣ୍ଡ: ସନ୍ଦିଗ୍ଧଙ୍କୁ ଗିରଫ କଲେ ସୁରକ୍ଷା ଏଜେନ୍ସି

ଆବୁଧାବି: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ସଂଯୁକ୍ତ ଆରବ ଏମିରେଟ୍ସର ସୁରକ୍ଷା ଏଜେନ୍ସିଗୁଡ଼ିକୁ ଏକ ବଡ଼ ସଫଳତା ମିଳିଛି। ଦେଶକୁ ଅସ୍ଥିର କରିବା ପାଇଁ ରଚାଯାଇଥିବା ଇରାନ-ସମର୍ଥିତ ଏକ ଆତଙ୍କବାଦୀଙ୍କ ଷଡଯନ୍ତ୍ରର ପର୍ଦ୍ଦାଫାସ କରାଯାଇଛି। ଏହି ଗୋଷ୍ଠୀ ବିଦେଶୀ ଶକ୍ତିର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲା ଏବଂ ଦେଶର ଜାତୀୟ ଏକତାକୁ ଦୁର୍ବଳ କରିବା ପାଇଁ ଲକ୍ଷ୍ୟ ରଖିଥିଲା। ସୁରକ୍ଷା ବିଭାଗଙ୍କର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦେଶରେ ଏକ ବଡ଼ ବିପଦପୂର୍ଣ୍ଣ ସଙ୍କଟକୁ ଏଡାଇ ଦେଇଛି। ତଦନ୍ତରୁ ଜଣାପଡିଛି ଯେ ଗିରଫ ହୋଇଥିବା ସମସ୍ତ ଆତଙ୍କବାଦୀ ମୁଖ୍ୟତଃ ଇରାନର ୱିଲାୟତ ଅଲ-ଫକିହ ଚିନ୍ତାଧାରା ସହିତ ଜଡିତ। ସେମାନେ ଅତ୍ୟନ୍ତ ଗୁପ୍ତ ଭାବରେ କାର୍ଯ୍ୟ କରି ଦେଶରେ ବିଭିନ୍ନ ପ୍ରକାରର ବେଆଇନ କାର୍ଯ୍ୟକଳାପ ଜାରି ରଖିଥିଲେ। ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସଂଯୁକ୍ତ ଆରବ ଏମିରେଟ୍ସର ଶାନ୍ତିକୁ ବିପର୍ଯ୍ୟସ୍ତ କରିବା ଏବଂ ଏହାର ଜାତୀୟ ଏକତା ତଥା ସୁରକ୍ଷାକୁ ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ କରିବା। ଗିରଫ ଆତଙ୍କବାଦୀମାନେ ସେମାନଙ୍କର ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ପାଇଁ



ବାହାର ଲୋକଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଗୁପ୍ତ ବୈଠକ କରିଥିଲେ। ଏହି ଅପରାଧୀମାନେ ନିରନ୍ତର ୟୁଏଇର ସବୁଠାରୁ ସମ୍ବେଦନଶୀଳ ଏବଂ ସୁରକ୍ଷିତ ସ୍ଥାନଗୁଡ଼ିକରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଯଦି ଆତଙ୍କବାଦୀମାନେ ସେମାନଙ୍କର ଘୃଣ୍ୟ ଯୋଜନାରେ ସଫଳ ହୋଇଥାନ୍ତେ, ତେବେ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଯଥେଷ୍ଟ କ୍ଷତି ପହଞ୍ଚିଥାନ୍ତା। ଆତଙ୍କବାଦୀମାନେ ଆକ୍ରମଣ କରିବା ସହିତ ୟୁଏଇର ଯୁବବର୍ଗମାନଙ୍କ ମଧ୍ୟରେ ଭୁଲ୍ ସୂଚନା ଏବଂ ମିଥ୍ୟା ଧାରଣା ମଧ୍ୟ ପ୍ରସାର କରୁଥିଲେ। ସେମାନଙ୍କର ପ୍ରାଥମିକ ଲକ୍ଷ୍ୟ ଥିଲା ବିଦେଶୀ ଏଜେଣ୍ଡା ପାଇଁ ନୂତନ ନିଯୁକ୍ତି ଏବଂ ଦେଶର ଶାନ୍ତିପୂର୍ଣ୍ଣ ବୈଦେଶିକ ନୀତି ବିରୋଧରେ ଲୋକଙ୍କୁ ଉସୁକାଇବା। ବିଶ୍ୱବ୍ୟାପୀ ୟୁଏଇର ଏକ ଅତ୍ୟନ୍ତ ନକାରାତ୍ମକ ପ୍ରତିଛବି ପ୍ରଦର୍ଶିତ କରିବା ମଧ୍ୟ ଏହି ଅପରାଧୀଙ୍କ ବିପଦପୂର୍ଣ୍ଣ ଏଜେଣ୍ଡାର ଉଦ୍ଦେଶ୍ୟ ଥିଲା।


ୟୁଏଇର ରାଜ୍ୟ ସୁରକ୍ଷା ବିଭାଗ ସମୟୋଚିତ ଭାବରେ ଏହି ବଡ଼ ନେଟୱାର୍କର ପର୍ଦ୍ଦାଫାସ କରିଛି ଏବଂ ଗୋଷ୍ଠୀର ଅନେକ ସଦସ୍ୟଙ୍କୁ ଗିରଫ କରିଛି। ଏହି ସଫଳ ଅପରେସନ ପରେ, ୟୁଏଇ ପ୍ରଶାସନ ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ କରିବା ସହିତ ଯାଞ୍ଚ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରିଛି। ସମସ୍ତ ନାଗରିକଙ୍କୁ ଆଶ୍ୱସ୍ତ କରାଯାଇଛି ଯେ କୌଣସି ବାହ୍ୟ ଶକ୍ତି କୌଣସି ମୂଲ୍ୟରେ ସେମାନଙ୍କ ସୁରକ୍ଷା ସହିତ ଖେଳି ପାରିବେ ନାହିଁ। ଏହି ଘଟଣା ପରେ, ୟୁଏଇର ସୁରକ୍ଷା ବିଭାଗ ସମସ୍ତ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ଆବେଦନ ଜାରି କରିଛି। କର୍ତ୍ତୃପକ୍ଷ ସ୍ପଷ୍ଟ ଭାବରେ କହିଛନ୍ତି, ଯେକୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ପୁଲିସକୁ ରିପୋର୍ଟ କରିବା ଉଚିତ। ଜନସାଧାରଣଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ତଥା ସକ୍ରିୟ କାର୍ଯ୍ୟ ଦେଶର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବ ଏବଂ ଏପରି ଷଡଯନ୍ତ୍ରକୁ ରୋକିବ। ଏହି ସମ୍ପୂର୍ଣ୍ଣ ଆତଙ୍କବାଦୀ ଷଡ଼ଯନ୍ତ୍ର ଏପରି ଏକ ସମୟରେ ରଚନା କରାଯାଇଛି ଯେତେବେଳେ ସମଗ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ତୀବ୍ର ଉତ୍ତେଜନାର ପରିବେଶ ଅନୁଭବ କରୁଛି। ଇରାନ ଏବଂ ଅନ୍ୟାନ୍ୟ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଶାନ୍ତିପ୍ରିୟ ଦେଶଗୁଡ଼ିକର ସୁରକ୍ଷାକୁ ସିଧାସଳଖ ପ୍ରଭାବିତ କରୁଛି । ଏହା ହେଉଛି ପ୍ରାଥମିକ କାରଣ ଯାହା ଯୋଗୁଁ ୟୁଏଇ ସରକାର ନିଜର ସୀମା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ପୂର୍ବାପେକ୍ଷା ଅଧିକ ସତର୍କ ହୋଇଛନ୍ତି। ଗିରଫ ଆତଙ୍କବାଦୀଙ୍କୁ ସୁରକ୍ଷା ଏଜେନ୍ସିଗୁଡ଼ିକ ପଚରାଉଚରା କରୁଛନ୍ତି। ଅଧିକ ତଦନ୍ତ ଚାଲିଛି। ପଚରାଉଚରା ଆଧାରରେ, ଏହି ସମ୍ପୂର୍ଣ୍ଣ ଆତଙ୍କବାଦୀ ନେଟୱାର୍କରେ ଲୁଚି ରହିଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବାର ସମ୍ଭାବନା ରହିଛି। ସରକାର ଏବେ ଦେଶର ଯୁବପିଢ଼ିଙ୍କୁ ଏପରି ବିପଦପୂର୍ଣ୍ଣ ସଂଗଠନଠାରୁ ଦୂରେଇ ରଖିବା ସହିତ ସୁରକ୍ଷା ଦେବା ପାଇଁ ଅନେକ ନୂତନ ସଚେତନତା ଅଭିଯାନ ଏବଂ କଡ଼ା ସୁରକ୍ଷା ନୀତି କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି।

## ସାଢେ ୭ କୋଟିରେ ବିକ୍ରି ହେଲା ଟାଇଟାନିକ ଜାହାଜର ଲାଇଫ ଜ୍ୟାକେଟ୍

ଇଂଲଣ୍ଡ : ସାଢେ ୭ କୋଟିରେ ବିକ୍ରି ହେଲା ଟାଇଟାନିକ ଜାହାଜର ଲାଇଫ ଜ୍ୟାକେଟ୍ । ଇଂଲଣ୍ଡର ୱିଲ୍ଟସାୟାରର ପ୍ରସିଦ୍ଧ ନିଲାମ ସଂସ୍ଥା 'ହେନେରୀ ଆଲଡ୍ରିଜ୍ ଆଣ୍ଡ୍ ସନ୍' ଦ୍ୱାରା ଜ୍ୟାକେଟର ନିଲାମ କରାଯାଇଛି। ଜ୍ୟାକେଟକୁ ୬ ଲକ୍ଷ ୭୦ ହଜାର ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ପ୍ରାୟ ୭.୪ କୋଟି ଟଙ୍କାରେ ବିକ୍ରି କରାଯାଇଛି । ଏହି ଲାଇଫ୍ ଜ୍ୟାକେଟ୍ ଟି ପ୍ରଥମ ଶ୍ରେଣୀର ବ୍ରିଟିଶ୍ ଯାତ୍ରୀ ଲୌରା ମେବଲ୍ ଫ୍ରାନ୍ କାଟେଲି ଙ୍କର ଥିଲା। ସେ ଜଣେ ବ୍ୟକ୍ତିଗତ ସଚିବ ଥିଲେ ଏବଂ ୧୯୧୨ ମସିହା ଦୁର୍ଘଟଣା ସମୟରେ ରକ୍ଷା ପାଇଯାଇଥିଲେ। କର୍କ ଓ କାନଭାସ୍ ନିର୍ମିତ ଜ୍ୟାକେଟ୍ ରେ ଫ୍ରାନ୍ କାଟେଲି ଏବଂ ଅନ୍ୟ ୭ ଜଣ ବଞ୍ଚିଥିବା ଯାତ୍ରୀଙ୍କ ସ୍ୱାକ୍ଷର ରହିଛି, ଯାହା ଜ୍ୟାକେଟକୁ ଅତ୍ୟନ୍ତ ମୂଲ୍ୟବାନ କରିଛି।

ଜ୍ୟାକେଟର ମୂଲ୍ୟ ୨ ଲକ୍ଷ ୫୦ରୁ ୩ ଲକ୍ଷ ୫୦ ହଜାର ପାଉଣ୍ଡ ମଧ୍ୟରେ ରହିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବିଶ୍ୱବ୍ୟାପୀ ଆଗ୍ରହ ଯୋଗୁଁ ଏହା ପ୍ରାୟ ଦୁଇଗୁଣା ଦାମ୍ ରେ ବିକ୍ରି ହୋଇଛି। ସେହିପରି ନିଲାମରେ ଏକ ଲାଇଫ୍ ବୋଟ୍ ର ସିଟ୍ କୁଶନ ମଧ୍ୟ ପ୍ରାୟ ୩ ଲକ୍ଷ ୯୦ ହଜାର ପାଉଣ୍ଡ ବା ୪ କୋଟି ୮୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି।


## ଆମ ସୀମା ଭିତରକୁ ଆସିଲେ ନେତାନ୍ୟାହୁ ଗିରଫ ହୋଇ ଜେଲ୍ ଯିବେ: ହଙ୍ଗେରୀ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ



ବୁଧାପେଷ୍ଟ: ହଙ୍ଗେରୀର ନୂତନ ପ୍ରଧାନମନ୍ତ୍ରୀ ପିଟର ମାଗ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯଦି ହଙ୍ଗେରୀ ସୀମା ଭିତରକୁ ଆସିବେ ତେବେ ତାଙ୍କୁ ଗିରଫ କରାଯାଇପାରେ। କାରଣ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିସାରିଛି। ସ୍କାଏ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ମାଗ୍ୟାର ସ୍ପଷ୍ଟ ଭାବରେ କହିଛନ୍ତି, ହଙ୍ଗେରୀ ସୀମା ଅତିକ୍ରମ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଆଇସିସି ୱାରେଣ୍ଟର ସମ୍ମୁଖୀନ ହେବାକୁ ପଡିବ, ତାଙ୍କୁ ଅଟକ ରଖାଯିବ। ସେ ଏହା ମଧ୍ୟ କହିଛନ୍ତି ଯେ, ହଙ୍ଗେରୀ ଆଇସିସିର ସଦସ୍ୟ ରହିବ ଏବଂ ଏଥିରୁ ଓହରିଯିବାର ପୂର୍ବ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରାଯିବ। ମାଗ୍ୟାରଙ୍କ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ସେ ସମ୍ପ୍ରତି ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ହଙ୍ଗେରୀକୁ ନିମନ୍ତ୍ରଣ କରିଥିଲେ। ଏହାକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ, ନିର୍ବାଚନ ଜିତିବା ପରେ, ୧୯୫୬ ବିଦ୍ରୋହର ୭୦ତମ ବାର୍ଷିକୀରେ ଅନେକ ଦେଶର ନେତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେହି ପଦକ୍ଷେପର ଏକ ଅଂଶ ଭାବରେ ନେତାନ୍ୟାହୁଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଏହା ମଧ୍ୟ କହିଛନ୍ତି, ନେତାନ୍ୟାହୁଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା ଯେ ହଙ୍ଗେରୀ ଆଇସିସି ନିୟମାବଳୀରୁ ପଛକୁ ହଟିବ ନାହିଁ ଏବଂ ଆଇନ ପାଳନ କରିବ। ୨୦୨୪ରେ, ଆଇସିସି ନେତାନ୍ୟାହୁଙ୍କ ବିରୋଓରେ ଏକ ଗିରଫ ପରୱାନା ଜାରି କରିଥିଲା, ତାଙ୍କୁ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧରେ ଅପରାଧର ଅଭିଯୋଗ କରାଯାଇଥିଲା। ଭିକ୍ଟର ଅରବାନଙ୍କ ନେତୃତ୍ୱରେ ହଙ୍ଗେରୀର ପୂର୍ବ ସରକାର ଆଇସିସିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ୨ ଜୁନ୍ ୨୦୨୬ ରେ କାର୍ଯ୍ୟକାରୀ ହେବାର ଥିଲା।

## କିଛି ସୀମା କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ: ପହଲଗାମ ଆକ୍ରମଣର ବାର୍ଷିକୀ ପୂର୍ବରୁ ଭାରତୀୟ ସେନାର କଡ଼ା ଚେତାବନୀ

ଶ୍ରୀନଗର : ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଏକ ଦଳ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ୨୫ ଜଣ ପର୍ଯ୍ୟଟକ ଏବଂ ଜଣେ ସ୍ଥାନୀୟ ବାସିନ୍ଦାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ପାକିସ୍ତାନରେ ଥିବା ଲସ୍କର ଏବଂ ଜୈଶ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏବେ ଗୋଟିଏ ବର୍ଷ ପରେ, ଭାରତରେ ଲୋକେ ଏହି ଘଟଣାକୁ ମନେ ପକାଇ ଶୋକ ପାଳନ କରୁଛନ୍ତି। ଏହି ସମୟରେ ଭାରତୀୟ ସେନା ଏକ କଡ଼ା ଚେତାବନୀ ଜାରି କରିଛି। ଭାରତୀୟ ସେନା ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛି। ସେନା କହିଛି ଯେ, କିଛି ସୀମା ଅଛି ଯାହାକୁ କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ ଏବଂ ଯଦି ଏପରି କରାଯାଏ ତେବେ ପରିଣାମ ବିଷୟରେ ସ୍ମରଣ କରିବାକୁ ହେବ। ପହଲଗାମ ଆକ୍ରମଣର ବାର୍ଷିକୀ ପୂର୍ବରୁ, ଭାରତୀୟ ସେନା ସୋସିଆଲ



ମିଡିଆ ଏକ୍ସରେ କହିଛି, ଯେତେବେଳେ ମାନବତାର ସୀମା ଲଙ୍ଘନ କରାଯାଏ, ସେତେବେଳେ ପ୍ରତିକ୍ରିୟା ନିର୍ଣ୍ଣାୟକ ହୋଇଥାଏ। ନ୍ୟାୟ ପ୍ରଦାନ କରାଯାଏ। ଭାରତ ଏକଜୁଟ ହୋଇ ଠିଆ ହୁଏ। ପୋଷ୍ଟ ସହିତ ଏକ ଗ୍ରାଫିକ୍ ମଧ୍ୟ ଲେଖାଯାଇଛି, 'କିଛି ସୀମା କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ। ଭାରତ ଭୁଲେ ନାହିଁ'।

ଅପରପକ୍ଷରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ ପୂର୍ବରୁ ଜୈଶ୍-ଏ-ମହମ୍ମଦ (ଜେଇଏମ୍?) କମାଣ୍ଡର ଅବଦୁଲ ରୌଫଙ୍କ ନାମରେ ଏକ ନୂତନ ଅଡିଓ କ୍ଲିପ୍ ସାମ୍ନାକୁ ଆସିଛି। ଏହି ଅଡିଓ ଆତଙ୍କବାଦୀ ସଂଗଠନର ମହିଳା ଶାଖା, ଜମାତ-ଅଲ-ମୋମିନାତ ଉପରେ କେନ୍ଦ୍ରିତ। ଏଥିରେ ପାକିସ୍ତାନରେ ସଂଗଠନର ବୈଚାରିକ ଧାରାର ବିସ୍ତାର କରିବା ପାଇଁ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଅଡିଓରେ ରୌଫ ଦାବି କରିଛନ୍ତି,କରାଚିରୁ ବାହାୱଲପୁର, ବାହାୱଲପୁରରୁ ପେଶାୱର ପର୍ଯ୍ୟନ୍ତ, ଜମାତ-ଅଲ-ମୋମିନାତ ସାରା ଦେଶରେ ସକ୍ରିୟ ଅଛି। ମସୁଦ ଆଝାରଙ୍କ ନିର୍ଦ୍ଦେଶରେ, ମହିଳାମାନଙ୍କୁ ଚାରିଟି ଜିନିଷ ପ୍ରତି ଆମନ୍ତ୍ରଣ କରାଯାଉଛି, ବିଶ୍ୱାସ, ପ୍ରାର୍ଥନା, ଜିହାଦ ଏବଂ ପରଦା। ସେ ଅଭିଯୋଗ କରିଛନ୍ତି, ମହିଳାମାନଙ୍କୁ ନିଯୁକ୍ତି ନାମରେ ଦୁର୍ନୀତିଗ୍ରସ୍ତ କରାଯାଉଛି। ଟେଲିଭିଜନରୁ ଦୂରେଇ ରହିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

## ଟ୍ରମ୍ପଙ୍କ ଆଖିରୁ ନିଦ ହଜାଇଛି ଇରାନ: ରାତିଅଧରେ ସୋସିଆଲ ମିଡିଆରେ ବଖାଣିଲେ ଭୟ

ୱାସିଂଟନ: ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାକିସ୍ତାନର ରାଜଧାନୀ ଇସଲାମାବାଦରେ ହେବ କି ନାହିଁ ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତକରଣ ହୋଇନାହିଁ। ବର୍ତ୍ତମାନର ଏନେଇ ସଙ୍କେତ ସ୍ପଷ୍ଟ ନାହିଁ। ତେଣୁ ପରିସ୍ଥିତି ଅନିଶ୍ଚିତ ରହିଛି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସମୃଦ୍ଧ ୟୁରାନିୟମ୍ ବିଷୟରେ ଅଧିକ ଚିନ୍ତିତ ହୋଇ ପଡିଛନ୍ତି। ଇରାନ ତାଙ୍କ ଆଖିରୁ ନିଦ ହଜାଇ ଦେଇଛି। ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ଅଧରାତିରେ ସେ ନଶୋଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ନିଜ ମନର ଭୟ



ପ୍ରକାଶ କରି କହିଛନ୍ତି, ଇରାନର ପରମାଣୁ ପ୍ଲାଣ୍ଟ୍ ସ୍ଥାନ ତଳେ ପ୍ରାୟ ୪୦୦ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ରହିଛି। ଏହାକୁ ନେଇ ପରିସ୍ଥିତି ଗମ୍ଭୀର ରହିଛି। ଟ୍ରମ୍ପ ଦାବି କରିଛନ୍ତି, ଗତବର୍ଷ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହି ଘାଟିଗୁଡ଼ିକର ଚାରିପାଖରେ ଥିବା ଅଞ୍ଚଳଗୁଡ଼ିକ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି । ସେଠାରୁ ୟୁରାନିୟମ ବାହାର କରିବା ଏକ କଷ୍ଟକର ଏବଂ ଲମ୍ବା ପ୍ରକ୍ରିୟା । ସେ ୟୁରାନିୟମକୁ ପରମାଣୁ ଧୂଳି ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, ଏହା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ବିପଜ୍ଜନକ ହୋଇପାରେ। ଆମେରିକା ପ୍ରଶାସନ ଅଭିଯୋଗ କରୁଛି, ଇରାନ ଏହି ୟୁରାନିୟମକୁ ପରମାଣୁ ଅସ୍ତ୍ର ତିଆରି ପାଇଁ ବିଶୋଧନ କରୁଛି, ଯେତେବେଳେ ଇରାନ ସର୍ବଦା ଦାବି କରିଆସିଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ କରାଯାଉଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏବଂ ସମ୍ଭାବ୍ୟ ଯୁଦ୍ଧବିରତି ଉପରେ ସାରା ବିଶ୍ୱ ନଜର ରଖିଛି। ଆମେରିକା ଏବଂ ଇରାନ ଏକ ନୂତନ ଚୁକ୍ତିରେ ପହଞ୍ଚିପାରିବେ କି ନାହିଁ ନା ପରିସ୍ଥିତି ପୁଣି ଥରେ ଯୁଦ୍ଧ ଆଡ଼କୁ ଗତି କରିପାରିବ ତାହା ପ୍ରଶ୍ନ ହୋଇ ରହିଛି। ବର୍ତ୍ତମାନ, ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନିଶ୍ଚିତ ହୋଇନାହିଁ କିମ୍ବା ନୂତନ ଚୁକ୍ତିର ସ୍ପଷ୍ଟ ଘୋଷଣା ହୋଇନାହିଁ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି, ଏବଂ ବିଶ୍ୱ ଦେଖୁଛି ଯେ ଆଗକୁ କୂଟନୈତିକ ପଥ ପ୍ରଶସ୍ତ ହେବ କି ବିବାଦ ପୁଣି ଥରେ ବୃଦ୍ଧି ପାଇବ। ଆମେରିକା ଇସଲାମାବାଦରେ ଶାନ୍ତି ଆଲୋଚନା ପାଇଁ ରାଜି ହୋଇସାରିଛି। ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ଆସିବେ । ତଥାପି, ଇରାନ ଏହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛି। ଇରାନ କହିଛି ଯେ, ଯେପର୍ଯ୍ୟନ୍ତ ଆମେରିକାର ହର୍ମୁଜ୍ ପ୍ରଣାଳୀ ଅବରୋଧ ଜାରି ରହିଛି ସେପର୍ଯ୍ୟନ୍ତ ଆମେରିକା ସହିତ କୌଣସି ଆଲୋଚନାରେ ଅଂଶଗ୍ରହଣ କରିବୁ ନାହିଁ।

## କେଦାରନାଥ ମନ୍ଦିରରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡ ସ୍ଥିତ ବାବା କେଦାରନାଥଙ୍କ କପାଟ ଆସନ୍ତାକାଲି ଖୋଲିବ । ଏହାପୂର୍ବରୁ ମନ୍ଦିର ପରିସରରେ ମୋବାଇଲ ବ୍ୟାନ୍ କରିଛି ମନ୍ଦିର କମିଟି । ମୋବାଇଲ ଫୋନ ନେଇ କେଦାରନାଥ ଯାଉଥିବା ଲୋକ ଏବେ କୌଣସି ପ୍ରକାରର ଫଟୋ ଉଠାଇପାରିବେ ନାହିଁ କି ରିଲ୍ କରିପାରିବେ ନାହିଁ । ଯଦି କୌଣସି ବ୍ୟକ୍ତି ଏଭଳି କରନ୍ତି, ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଏହି ନିଷ୍ପତ୍ତି କେଦାରନାଥ କପାଟ ଖୋଲିବାର ଗୋଟିଏ ଦିନ ପୂର୍ବରୁ ନିଆଯାଇଛି। କେଦାରନାଥ ଧାମ କପାଟ ୨୨ ଏପ୍ରିଲ ସକାଳ ୮ଟାରେ ଖୋଲିବ । ଏହାପୂର୍ବରୁ ଶ୍ରଦ୍ଧାଳୁମାନେ ଯାତ୍ରା ଆରମ୍ଭ କରିଛନ୍ତି । ଗୌରୀକୁଣ୍ଡରୁ ବାବା କେଦାରଙ୍କ ଡୋଲି ଯିବା ଆରମ୍ଭ ହୋଇଛି । କେଦାରନାଥ କପାଟ ଖୋଲିବା ବେଳକୁ ଶ୍ରଦ୍ଧାଳୁ ପହଞ୍ଚି ସାରିଥିବେ । ୨୨ ଏପ୍ରିଲରୁ ୧୧ ନଭେମ୍ବର ଯାଏଁ କେଦାରନାଥ କପାଟ ଖୋଲା ରହିବ । ମନ୍ଦିର ପ୍ରବନ୍ଧନ ସମିତି ସଦସ୍ୟ ବିନୀତ ପୋସ୍ତି କହିଛନ୍ତି, କେଦାରନାଥ ମନ୍ଦିର ପରିସର ଭିତରେ ଏବେ ମୋବାଇଲ ଫୋନ ବ୍ୟବହାର କରିବା ପାଇଁ ବାରଣ କରାଯାଇଛି । ଏହି ନିଷ୍ପତ୍ତି ଧାମର ପବିତ୍ରତା ଏବଂ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଧ୍ୟାନରେ ରଖି କରାଯାଇଛି । ମନ୍ଦିର ପରିସରରେ ମୋବାଇଲ ଫୋନ ନେବା, ଫଟୋ ଉଠାଇବା କିମ୍ବା ଭିଡିଓ କରିବା, ରିଲ୍ସ କରିବା ସଂପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଯାଇଛି । ଯଦି କୌଣସି ଶ୍ରଦ୍ଧାଳୁ ଏଭଳି କରନ୍ତି, ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଅହମଦାବାଦରେ ଗୁଜରାଟ ହାରିଲା, ମୁମ୍ବାଇର ଦ୍ୱିତୀୟ ବିଜୟ



ଅହମଦାବାଦ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୦ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଶକ୍ତିଶାଳୀ ପ୍ରଦର୍ଶନ କରିଛି। ଗୁଜରାଟକୁ ତାର ମାଟିରେ ୯୯ ରନ୍‌ରେ ପରାସ୍ତ କରିଛି। ୨୦୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଗୁଜରାଟ ୧୫.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୦ ରନ୍ ସଂଗ୍ରହ କରିପାରିଛି। ମୁମ୍ବାଇ ଲଗାତାର ଚତୁର୍ଥ ପରାଜୟ ପରେ ଆଜି ବିଜୟ ହାସଲ କରିଛି। ଆଇପିଏଲ୍‌ର ଚଳିତ ସଂସ୍କରଣରେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚ୍‌ରେ କୋଲକାତା ବିପକ୍ଷରେ ୬ୱିକେଟ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ପରବର୍ତ୍ତୀ ୪ଟି ମ୍ୟାଚ୍‌ରେ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ ଏବଂ ବେଙ୍ଗାଲୁରୁ ଠାରୁ ପରାସ୍ତ ହୋଇଥିଲା।

ଗୁଜରାଟ ପାଇଁ ୱାସିଂଟନ ସୁନ୍ଦର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୭ଟି ବଲ୍‌ର ସାମ୍ନା କରି ୫ଟି ଚେକା ସହିତ ୨୬ ରନ୍ ସଂଗ୍ରହ କରିଥିଲେ। ଶାହରୁଖ ଖାନ ୧୭ ରନ୍, ଅଧିନାୟକ ଶୁବମନ ଗିଲ ୧୪ ରନ୍ ଏବଂ କାଗିସୋ ରାବଡା ୧୨ ରନ୍ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଅନ୍ୟପକ୍ଷରେ ମୁମ୍ବାଇ ପକ୍ଷରୁ ଅଶ୍ୱନୀ କୁମାର ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଗଜନଫର ଏବଂ ମିଚେଲ ସାଣ୍ଟନରଙ୍କୁ ୨-୨ ୱିକେଟ୍ ମିଳିଥିଲା। ଦ୍ରୁତ ବୋଲର ଜସପ୍ରିତ ବୁମରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଅତିଥି ଦଳ ବ୍ୟାଟିଂ କରିଥିଲା। ଏଠାରେ ମୁମ୍ବାଇ ଯୁବ ବ୍ୟାଟର ତିଳକ ବର୍ମାଙ୍କ ବିସ୍ଫୋରକ ଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପକ୍ଷରୁ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୪୫ଟି ବଲ୍ ସାମ୍ନା କରିଥିଲେ ଏବଂ ୧୦୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ୮ଟି ଚେକା ଏବଂ ୭ଟି ଛକା ସାମିଲ କରିଥିଲେ। ନମନ ଧୀର ମୁମ୍ବାଇ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ସେ ୩୨ଟି ବଲ୍ ଖେଳି ୪୫ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୬ଟି ଚେକା ଏବଂ ଗୋଟିଏ ଛକା ସାମିଲ ଥିଲା।

ଅନ୍ୟପଟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୫-୧୫ ରନ୍‌ର ଯୋଗଦାନ କରିଥିଲେ। ସୂର୍ଯ୍ୟକୁମାର ୧୦ଟି ବଲ୍ ଖେଳି ଗୋଟିଏ ଚେକା ଏବଂ ଗୋଟିଏ ଛକା ମାରିଥିଲା ବେଳେ ହାର୍ଦ୍ଦିକ ୧୬ଟି ବଲ୍ ସାମ୍ନା କରି ଗୋଟିଏ ଚେକା ମାରିଥିଲେ। ମୁମ୍ବାଇର ଅନ୍ୟ ଖେଳାଳିମାନଙ୍କର ବ୍ୟାଟିଂ ଉତ୍ସାହଜନକ ହୋଇପାରି ନଥିଲା। ଗୁଜରାଟ ପକ୍ଷରୁ କାଗିସୋ ରାବଡା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ମହମ୍ମଦ ସାମି ଏବଂ ପ୍ରସିଦ୍ଧ କୃଷ୍ଣା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।



ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ୬୮ ବଲରୁ ୧୦ ଚୌକା, ୧୦ ଛକା ବଳରେ ୧୩୫ ରନ୍ କରି ଅପରାଜିତ ରହିଛନ୍ତି ଏଚ୍‌ଆରଏଚ୍‌ର ଅଭିଷେକ ଶର୍ମା।

## ସିଏସ୍‌କେରୁ ବାଦ୍ ପଡ଼ିଲେ ମହାତ୍ରେ

ନୂଆଦିଲ୍ଲୀ, ୨୧।୪: ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୨୦୨୬ ଆଇପିଏଲ ସିଜିନ୍ ଭଲ ନଥିଲା। ଚଳିତ ସିଜିନ୍ ମଧଭାଗରେ, ଚେନ୍ନାଇ ଦଳ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଆୟୁଷ ମହାତ୍ରେ



ଆଘାତ ଯୋଗୁଁ ଆଇପିଏଲ ୨୦୨୬ରୁ ବାଦ ପଡ଼ିଛନ୍ତି । ମହାତ୍ରେ ଏପର୍ଯ୍ୟନ୍ତ ଚେନ୍ନାଇର ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି । ଫଳସ୍ୱରୂପ, ତାଙ୍କର ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ ଝଟକା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଅନୁପସ୍ଥିତି ନିସନ୍ଦେହରେ ସିଏସକେ ପରିଚାଳନାର ଚିନ୍ତାକୁ ବୃଦ୍ଧି କରିଛି । ଆୟୁଷ ମହାତ୍ରେଙ୍କ ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ କହିଛି ଯେ ତାଙ୍କର ଏକ ଗମ୍ଭୀର ଆଘାତ ଲାଗିଛି ଏବଂ ତାଙ୍କୁ ସୁସ୍ଥ ହେବା ପାଇଁ ୬ରୁ ୧୨ସପ୍ତାହ ଲାଗିବ । ଫଳସ୍ୱରୂପ, ସେ ଏହି ଟୁର୍ଣ୍ଣାମେଣ୍ଟରେ ଆଉ ଅଂଶଗ୍ରହଣ କରିପାରିବେ ନାହିଁ । କ୍ସ ରେ ପୋଷ୍ଟ କରି, ଉଝକ ଲେଖିଛି ଯେ ୧୮ଏପ୍ରିଲରେ ଝଜଐ ବିପକ୍ଷ ମ୍ୟାଚ୍ ସମୟରେ ବ୍ୟାଟିଂ କରୁଥିବା ସମୟରେ ତାଙ୍କ ବାମ ହାମଷ୍ଟ୍ରିଙ୍ଗ୍ ଆଘାତ ଲାଗିବା ପରେ ଆୟୁଷ ମହାତ୍ରେ ଓଚଖ ୨୦୨୬ ସିଜିନର ବାକି ସମୟରୁ ବାଦ ପଡ଼ିଛନ୍ତି। ଆୟୁଷଙ୍କ ସୁସ୍ଥତା ପାଇଁ ୬ରୁ ୧୨ସପ୍ତାହ ଲାଗିବ ବୋଲି ଆଶା କରାଯାଉଛି। ଆମେ ଆୟୁଷଙ୍କ ଶୀଘ୍ର ସୁସ୍ଥତା କାମନା କରୁଛୁ ବୋଲି କୁହାଯାଇଛି ।

## ବିସ୍ଫୋରକ ଶତକ ମାରି ବଡ଼ ରେକର୍ଡ କଲେ ତିଳକ ବର୍ମା

ମୁମ୍ବାଇ, ୨୦।୩: ତିଳକ ବର୍ମାଙ୍କ ବିସ୍ଫୋରକ ଶତକ ଏବଂ ନମନ ଧୀରଙ୍କ ଦୃଢ଼ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ସୋମବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ସମ୍ମାନଜନକ ସ୍କୋର କରିଛି। ତିଳକ ୧୦୧ ରନରେ ଅପରାଜିତ ରହିଥିବାବେଳେ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଛି। ତିଳକ ମାତ୍ର ୪୫ ବଲ୍‌ରେ ଶତକ ମାରିଥିଲେ।

ତିଳକ ବର୍ମା ଆଇପିଏଲ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଶତକ ମାରିବାରେ ସବୁଠାରୁ ଦ୍ରୁତତମ ଭାରତୀୟ ଖେଳାଳି ହୋଇଛନ୍ତି। ତିଳକ ବର୍ମାଙ୍କ ପୂର୍ବରୁ ସନଥ ଜୟସୁରିଆ ମାତ୍ର ୪୫ ବଲ୍‌ରେ ଶତକ ମାରିଥିଲେ। ସେ ୨୦୦୮ରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଏହି ଇନିଂସ ଖେଳିଥିଲେ। ତିଳକ ୫୨ ବଲ୍‌ରେ ଶତକ ମାରିଥିବା ସଞ୍ଜୁ ସାମସନଙ୍କ ରେକର୍ଡ ଭାଙ୍ଗିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ କ୍ୱିଣ୍ଟନ ଡି କକ ମଧ ଦ୍ରୁତତମ ଶତକ ମାରିଥିଲେ। ଏହା ଆଇପିଏଲରେ ତିଳକ ବର୍ମାଙ୍କ ପ୍ରଥମ ଶତକ।



ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ଏକାଧିକ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଟପ୍ ଅର୍ଡର ବ୍ୟାଟର ଡାନିସ ମେଲଓ୍ୱେର ଓ ମିଡିୟମ ଫାଷ୍ଟ ବୋଲର କ୍ରିଶ୍ ଭଗତ ଆଇପିଏଲ୍ ଡେବ୍ୟୁ କରିବାର ସୌଭାଗ୍ୟ ପାଇଥିଲେ। ମେଲଓ୍ୱେର ନିଜ ପ୍ରଥମ ମ୍ୟାଚ୍‌ରେ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିବାବେଳେ କ୍ୱିଣ୍ଟନ ଡି’କକ୍ ୧୩ ରନରେ ଆଉଟ ହେବାରୁ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମ ପାଇଁ ସଂଘର୍ଷ କରୁଥିବା ସୂର୍ଯ୍ୟକୁମାର ଯାଦବ ମଧ ମାତ୍ର ୧୫ ରନରେ ପ୍ୟାଭିଲିୟନ ଫେରିଥିଲେ। ଆରମ୍ଭରେ ଧିମା ଖେଳିଥିବା ତିଳକ ବର୍ମା ପରେ ଦ୍ରୁତ ହାରରେ ରନ ସଂଗ୍ରହ କରିବା ସହ ମୁମ୍ବାଇ ଇନିଂସର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ।

ସେ ୪ର୍ଥ ଉଇକେଟରେ ନମନ ଧୀରଙ୍କ ସହ ୫୨ ଓ ୫ମ ଉଇକେଟରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୩୮ ବଲ୍‌ରୁ ୮୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଦଳର ସଙ୍କଟ ସମୟରେ ନମନ ୩୨ ବଲ୍‌ରୁ ୪୫ (୬ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ହାର୍ଦ୍ଦିକ ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ ମଧ ତିଳକ ଷ୍ଟୋକପୂର୍ଣ୍ଣ ଶତକ ହାସଲ କରିବାରୁ ମୁମ୍ବାଇ ସ୍କୋର ୧୯୯ ହୋଇ ଯାଇଥିଲା। ୪୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ତିଳକ ୮ ଚୌକା ଓ ୭ ଛକା ସହାୟତାରେ ୧୦୧ ରନକରି ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଏହାଥିଲା ତାଙ୍କର ପ୍ରଥମ ଶତକ। ପୂର୍ବରୁ ୮୪ଥିଲା ତାଙ୍କର ସର୍ବାଧିକ ସ୍କୋର। ଏଠାରେ ପ୍ରଥମ ୨୨ ବଲ୍‌ରେ ମାତ୍ର ୧୯ ରନ କରିଥିବା ତିଳକ ପରବର୍ତ୍ତୀ ୨୩ ବଲ୍‌ରେ ୮୨ ରନ ସଂଗ୍ରହ କରି ମୁମ୍ବାଇ ସ୍କୋରକୁ ୧୯୯ରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟ ପକ୍ଷରୁ କାଗିସୋ ରାବାଡ଼ା ୩ଟି ଏବଂ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଲ୍‌କାରାଜ ଓ ସାବାଲେଙ୍କାଙ୍କୁ ଲୌରିୟସ୍ ସମ୍ମାନ...

ମାଡ୍ରିଡ୍, ୨୧।୪: ବିଶ୍ୱର ଶ୍ରେଷ୍ଠ କ୍ରୀଡା ସମ୍ମାନ ଭାବେ ପରିଚିତ ଲେରିୟସ୍ ଆୱାର୍ଡସ ସୋମବାର ପ୍ରଦାନ କରାଯାଇଛି। ପୁରୁଷ ଓ ମହିଳା ବର୍ଗରେ ବିଶ୍ୱର ଶ୍ରେଷ୍ଠ କ୍ରୀଡାବିତ୍ ସମ୍ମାନକୁ ହାତେଇ ନେଇଛନ୍ତି ଦୁଇ ଟେନିସ୍ ଖେଳାଳି କାର୍ଲୋସ ଆଲକାରାଜ ଓ ଆରିନା ସାବାଲେଙ୍କା। ୨୦୨୫ ମସିହାରେ ଚମତ୍କାର ପ୍ରଦର୍ଶନ କରିଥିବା ଏହି ଦୁଇ ଟେନିସ୍ ଖେଳାଳି ଶୀର୍ଷ ମାନ୍ୟତା ମଧ ଅର୍ଜନ କରିଥିଲେ।



ମାଡ୍ରିଡ୍‌ରେ ଅନ୍ୟତମ ଟେନିସ୍ ମହାନ ନୋଭାକ ଜୋକୋଭିକ୍ ଏବଂ ଏଲିନ୍ ଗୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୬୯ଜଣ ବିଚାରକଙ୍କୁ ନେଇ ଗଠିତ ଚୟନ ସମିତି ଏମାନଙ୍କୁ ବାଛିଥିଲେ। ଲେରିୟସ୍ ୱାର୍ଲ୍ଡ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ୨୦୦୦ ମସିହାରୁ ଏହି ବାର୍ଷିକ ବିଶ୍ୱସ୍ତରୀୟ ସମ୍ମାନ ପ୍ରଦାନ କରାଯାଇ ଆସୁଛି।

୨୦୨୫ର ମସିହା ଲେରିୟସ୍ ପୁରସ୍କାର ବିଜେତା
ବିଶ୍ୱର ଶ୍ରେଷ୍ଠ ପୁରୁଷ ଖେଳାଳି: କାର୍ଲୋସ ଆଲକାରାଜ
ବିଶ୍ୱର ଶ୍ରେଷ୍ଠ ମହିଳା ଖେଳାଳି: ଆରିନା ସବାଲେଙ୍କା
ବିଶ୍ୱର ଶ୍ରେଷ୍ଠ ଦଳ: ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ୍ ଜର୍ମାନ୍)
ବ୍ରେକ୍‌ଥ୍ରୁ ଅଫ୍ ଦ ଇୟର୍: ଲାଣ୍ଡୋ ନରିସ୍
କମ୍‌ବ୍ୟାକ୍ ଅଫ୍ ଦ ଇୟର: ରୋରି ମ୍ୟାକଲରୟ
ଶ୍ରେଷ୍ଠ ଭିନ୍ନକ୍ଷମ ଖେଳାଳି: ଗାବ୍ରିଏଲ୍ ଆରାଉଜୋ
ଆକ୍ସନ ସ୍ପୋର୍ଟସପରସନ୍ ଅଫ୍ ଦି ଇୟର: କ୍ଲୋ କିମ୍
ବିଶ୍ୱର ଶ୍ରେଷ୍ଠ ଯୁବ ଖେଳାଳି: ଲାମିନ୍ ୟାମାଲ
ଲେରିୟସ୍ ଶ୍ରେଷ୍ଠ ପ୍ରେରଣାଦାୟୀ: ଟୋନି କ୍ରୁସ୍
ଲେରିୟସ୍ ଜୀବନବ୍ୟାପୀ ସାଧନା: ନାଦିଆ କୋମାନେସି
ଲେରିୟସ୍ ସ୍ପୋର୍ଟ ଫର୍ ଗୁଡ୍: ଫୁଟ୍‌ବଲ୍ ମାସ୍

## ବ୍ୟସ୍ତ କାର୍ଯ୍ୟସୂଚୀ ନେଇ ଟେନସନରେ ଗମ୍ଭୀର ଓ ଗିଲ

ନୂଆଦିଲ୍ଲୀ : ମୁମ୍ବାଇ, ୨୧/୪ : ଆଇପିଏଲ୍ ୨୦୨୬ ମଧ୍ୟରେ ଭାରତୀୟ ଟିମର ମୁଖ୍ୟ କୋଚ୍ ଗେଟମ ଗମ୍ଭୀରଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଗଣମାଧ୍ୟମ ସୂଚନା ଅନୁସାରେ ଗମ୍ଭୀର ଭାରତୀୟ ଟିମର ବ୍ୟସ୍ତ ସିଡ୍ୟୁଲକୁ ନେଇ ନାରାଜ ଅଛନ୍ତି । ଭାରତର ମୁଖ୍ୟ କୋଚ୍ ଗେଟମ ଗମ୍ଭୀର ଏବଂ ଟେଷ୍ଟ ଅଧିନାୟକ ଗିଲ୍, ବିସିସିଆଇର ଏହି ନିଷ୍ପତ୍ତିରେ ଖୁସି ନାହାନ୍ତି । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ଆଇପିଏଲ୍ ୨୦୨୬ ସିଜନ ଶେଷ ହେବାର କିଛି ଦିନ ପରେ ରଖାଯାଇଛି । ଏହି ଟି-୨୦ ଲିଗର ଫାଇନାଲ୍ ୩୧ମଇରେ ହେବ । ଯାହାକି ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ୬ଜୁନରୁ ଆରମ୍ଭ ହେବାକୁ ଅଛି । ମାତ୍ର ଏବେ ଏହା ଜଣାନାହିଁ କି ଆଇପିଏଲ୍ ପ୍ଲେ-ଅଫରେ କେଉଁ ଟିମ୍ ପହଞ୍ଚିବ । କିନ୍ତୁ ଅଜିତ ଅଗରକରଙ୍କ ନେତୃତ୍ୱାଧିନ ଚୟନ ସମିତିକୁ ଆଫାଗାନିସ୍ତାନ ବିପକ୍ଷ ମ୍ୟାଚ୍ ଲାଗି କିଛି ରିଜର୍ଭ ଖେଳାଳୀଙ୍କୁ ପଡ଼ିଆକୁ ଓହ୍ଲାଇ ପାରନ୍ତି ।ସୂଚନା ଅନୁସାରେ ଗମ୍ଭୀର ଏବଂ ଗିଲ୍ ପ୍ରଥମରୁ ବି ଏହି ଭଳି ଟାଇଟ୍ ସିଡ୍ୟୁଲ୍ ଉପରେ ଆପତ୍ତି ଉଠାଇଥିଲେ । ଏବେ ସେ ନିଜକୁ ଏଭଳି ସ୍ଥିତିର ସାମ୍ନା କରିବାକୁ ପାଉଛନ୍ତି, ଯାହା ସେ ଆରମ୍ଭରୁ ଚାହୁଁ ନଥିଲେ । ମାତ୍ର ସିଲେକ୍ଟର୍ସ ଏକ ‘ପ୍ଲାନ ବି’ ପ୍ରସ୍ତୁତ କରୁଛନ୍ତି । ଯେଉଁଥିରେ ଗୁରନୂର ବରାର, ମାନବ ସୁଧାର, ଆକିବ ନବୀ, ଦେବଦତ୍ତ ପଡ଼ିକ୍କଲ ଏବଂ କିଛି ଅନ୍ୟ ଖେଳାଳୀଙ୍କୁ ଟେଷ୍ଟ ମ୍ୟାଚ୍‌ରେ ନିଆଯାଇପାରେ । ଏହି ଖେଳାଳୀ ଫାଷ୍ଟ-କ୍ଲାସ କ୍ରିକେଟରେ ନିଜ ପ୍ରଦର୍ଶନ ବହୁ ପ୍ରଭାବିତ କରିଛନ୍ତି ଏବଂ ତାଙ୍କୁ



ଏହି ଗୋଟିଏ ଟେଷ୍ଟ ମ୍ୟାଚ୍ ଲାଗି ଟିମରେ ସାମିଲ କରାଯାଇପାରେ । ଆଇପିଏଲ୍ ଫାଇନାଲ ଏବଂ ଆଫଗାନିସ୍ତାନ ଟେଷ୍ଟ ମଧ୍ୟରେ ଅଧିକ ଗ୍ୟାପ୍ ନାହିଁ । ଏଥିଲାଗି ଚୟନକର୍ତ୍ତା ଏବଂ ମ୍ୟାନେଜମେଣ୍ଟ ଏହି କଥା ଉପରେ ଧ୍ୟାନ ରଖିବେ କି ଖେଳାଳୀଙ୍କୁ ଅଧିକ ବୋଝ ନ ପଡୁ । କାରଣ ଏହାପରେ ୩ୱାନଡେ ମ୍ୟାଚ୍ ଏବଂ ପରେ ଇଂଲଣ୍ଡରେ ହ୍ୱାଇଟ୍ ବଲ୍ ସିରିଜ ହେବାକୁ ଅଛି ।୬ ଜୁନରେ ଖେଳାଯିବ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ହେବାକୁ ଥିବା ଏକ ମାତ୍ର ଟେଷ୍ଟ । କିନ୍ତୁ ଆଇପିଏଲ ଶେଷ ହେବାରେ ୫ ଦିନ ପରେ ଏହି ଟେଷ୍ଟ ଆରମ୍ଭ ହେଉଥିବାରୁ ବିସିସିଆଇର ଏହି ନିଷ୍ପତି ଉପରେ ଅସନ୍ତୁଷ୍ଟ ଅଛନ୍ତି ହେଡ଼ କୋଚ୍ ଗୌତମ ଗମ୍ଭୀର ଓ ଟେଷ୍ଟ ଅଧିନାୟକ ଶୁଭମନ ଗିଲ ।ଆଇପିଏଲ ୨୦୨୬ ର ଫାଇନାଲ ମେ ୩୧ ରେ ହେବାକୁ ଯାଉଛି, କିନ୍ତୁ କେଉଁ ଦଳ ପ୍ଲେଅଫ୍‌କୁ ଯିବେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଯାହାଫଳରେ ଅଜିତ ଅଗରକରଙ୍କ ଚୟନ କମିଟି ଆଫଗାନିସ୍ଥାନ ବିପକ୍ଷ ଟେଷ୍ଟ ପାଇଁ କିଛି ରିଜର୍ଭ ଖେଳାଳିଙ୍କୁ ସୁଯୋଗ ଦେଇପାରନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗୌତମ ଗମ୍ଭୀର ଓ ଶୁଭମନ ଗିଲ ପୂର୍ବରୁ ଏଭଳି ଏକ ବ୍ୟସ୍ତବହୁଳ କାର୍ଯ୍ୟସୂଚୀକୁ ନେଇ ବିରୋଧ କରିଥିଲେ ଓ ବର୍ତ୍ତମାନ ପୁଣି ଥରେ ସମାନ ପରିସ୍ଥିତି ଉପୁଜିଛି । ଏହି ସମସ୍ୟାର ସମାଧାନ ପାଇଁ ଚୟନକର୍ତ୍ତା କେବଳ ଆଫଗାନିସ୍ଥାନ ବିପକ୍ଷ ଟେଷ୍ଟ ପାଇଁ କିଛି ଯୁବ ଖେଳାଳିଙ୍କୁ ସୁଯୋଗ ଦେଇପାରନ୍ତି । ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା ଗୁରନୁର ବ୍ରାର, ଆକିବ ନବି, ଦେବଦତ୍ତ ପଡ଼ିକ୍କଲ ଓ ଅନ୍ୟ କିଛି ଖେଳାଳି ଚୟନକର୍ତ୍ତାଙ୍କ ନଜରରେ ଅଛନ୍ତି ।


ବର୍ତ୍ତମାନ ଆଇପିଏଲରେ ଖେଳୁଥିବା କିଛି ବରିଷ୍ଠ ଖେଳାଳିଙ୍କୁ ଆଗକୁ ଥିବା ବ୍ୟସ୍ତବହୁଳ କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ବିଶ୍ରାମ ଦିଆଯାଇପାରେ । ସେହି ତାଲିକାରେ ଯଶପ୍ରୀତ ବୁମରା, ଶୁଭମନ ଗିଲ, କେଏଲ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ବରିଷ୍ଠ ଖେଳାଳିଙ୍କୁ ନାମ ସାମିଲ ରହିଛି ।ଭାରତ ଓ ଆଫଗାନିସ୍ଥାନ ବିପକ୍ଷ ଟେଷ୍ଟ : ୬ ଜୁନ - ୧୦ ଜୁନ ୨୦୨୬, ।ଭାରତ ଓ ଆଫଗାନିସ୍ଥାନ ବିପକ୍ଷ ଓଡ଼ିଆଇ : ପ୍ରଥମ ମ୍ୟାଚ୍ - ୧୪ ଜୁନ ୨୦୨୬, ଦ୍ୱିତୀୟ ମ୍ୟାଚ୍ - ୧୭ ଜୁନ ୨୦୨୬ ଓ ତୃତୀୟ ମ୍ୟାଚ୍ - ୨୦ ଜୁନ ୨୦୨୬ ।

## ଆଦର୍ଶଙ୍କୁ ୬, ବିଜୟ ଓ ସିଦ୍ଧେଶ୍ୱରଙ୍କୁ ୫ ୱିକେଟ୍

କଟକ: ୧୬ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଝାରସୁଗୁଡା, କେନ୍ଦ୍ରାପଡା, ଭୁବନେଶ୍ୱର-ବି, ଜଗତସିଂହପୁର, ବଲାଙ୍ଗୀର, ପାରାଦୀପ ବିଜୟୀ ହୋଇଛନ୍ତି। ଝାରସୁଗୁଡା ୨୩ ରନ୍‌ରେ ବରଗଡକୁ ପରାସ୍ତ କରିଛି। ଝାରସୁଗୁଡା ୩୩ ଓଭରରେ ୧୩୩/୧୦ କରିଥିଲା ବେଳେ ବରଗଡ ୩୪.୪ ଓଭରରେ ୧୧୦/୧୦ରେ ଅଟକି ଯାଇଥିଲା। ଝାରସୁଗୁଡାର ଆଦର୍ଶ ଯାଦବ (୬/୨୯) ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। କେନ୍ଦ୍ରାପଡା ୫ ୱିକେଟ୍‌ରେ ନୟାଗଡକୁ ହରାଇଛି। ନୟାଗଡ ୨୫.୧ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା ବେଳେ କେନ୍ଦ୍ରାପଡା ୨୯ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା ଆୟୁଶ ପଲେଇ (୪/୩୮)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଭୁବନେଶ୍ୱର-ବି ୭ ୱିକେଟ୍‌ରେ ଭଦ୍ରକକୁ ପରାସ୍ତ କରିଛି।

## ଆଫଗାନିସ୍ତାନ ଦ୍ରୁତ ବୋଲର ସାପୁର ଜାଡ୍ରାନ ଗୁରୁତର


ନୂଆଦିଲ୍ଲୀ, ୨୧।୦୪; ଆଫଗାନିସ୍ତାନର ପୂର୍ବତନ ବାମ ହାତି ପେସ୍ ବୋଲର ସାପୁର ଜାଡ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି । ସେ ମାରାତ୍ମକ ଏଚ୍‌ଏଲ୍‌ଏଚ୍ ରୋଗରେ ପୀଡିତ ଅଛନ୍ତି ଏବଂ ନୂଆଦିଲ୍ଲୀ ସ୍ଥିତ ଏକ ହସ୍ପିଟାଲ୍‌ର ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତାଙ୍କ ଶରୀରର ଇମ୍ୟୁନ ସିଷ୍ଟମ ଆଦୌ କାମ କରୁନଥିବା ଜଣାପଡିଛି । ଜାଡ୍ରାନଙ୍କ ସହ ତାଙ୍କ ପତ୍ନୀ, ଭାଇ ଘମାଇ ଏବଂ ପୂର୍ବତନ ଖେଳାଳି ଅସଘର ଆଫଘାନ ହସ୍ପିଟାଲ୍‌ରେ ରହିଛନ୍ତି ।



ଏଚ୍‌ଏଲ୍‌ଏଚ୍ ଏକ ଗମ୍ଭୀର ଅବସ୍ଥା। ଯେଉଁଥିରେ ରୋଗପ୍ରତିରୋଧକ ଶକ୍ତି ବିପଜ୍ଜନକ ଭାବରେ ଅତ୍ୟଧିକ ସକ୍ରିୟ ହୋଇଯାଏ । ଏହା ବୋନ୍ ମ୍ୟାରୋ, ଯକୃତ, ପ୍ଲୀହା ଏବଂ ଲସିକା ନୋଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ ଗୁରୁତର ପ୍ରଦାହ ଏବଂ କ୍ଷତି ପହଞ୍ଚାଏ । ଯଦିଓ ଏହା ମୁଖ୍ୟତଃ ପିଲାମାନଙ୍କୁ ପ୍ରଭାବିତ କରେ, ଏହା ବୟସ୍କମାନଙ୍କଠାରେ ମଧ ହୋଇପାରେ । ଏଥିପାଇଁ ପ୍ରାୟତଃ ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ ହୁଏ ।ଜାଡ୍ରନଙ୍କ ଭାଇ ଘମାଇ କହିଛନ୍ତି, ’’ଗତ ଜାନୁଆରୀ ମାସରୁ ନୂଆଦିଲ୍ଲୀ ଠାରେ ଜାଡ୍ରାନଙ୍କ ଚିକିତ୍ସା ଚାଲିଛି । ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆମେ ତାଙ୍କୁ ସ୍ଥାନୀୟ ଏକ ହୋଟେଲରେ ରଖିଥିଲୁ । ମାତ୍ର ପୁନଃ ଶରୀରରେ ସଂକ୍ରମଣ ହେବାରୁ ଆମେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରିଛୁ ।’ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥିଲା- ଗତ ବର୍ଷ ଅକ୍ଟୋବରରେ ଜାଡ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା । ହେଲେ ପୁଣି କିଛି ଅସୁବିଧା ଅନୁଭବ କରିଥିଲେ । ତା’ପରେ ଆଫଗାନ ଡାକ୍ତରମାନେ ତାଙ୍କୁ ଚିକିତ୍ସା ପାଇଁ ଭାରତ ଯିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ତାଙ୍କ ଅବସ୍ଥାରେ ଉନ୍ନତି ହୋଇଥିଲା ଏବଂ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା, କିନ୍ତୁ ୨୦ ଦିନ ମଧ୍ୟରେ ତାଙ୍କ ଅବସ୍ଥା ପୁଣି ଖରାପ ହୋଇଗଲା, ଯାହା ଫଳରେ ତାଙ୍କୁ ଓଉଟରେ ଭର୍ତ୍ତି କରାଯାଇଥିଲା।

## ଟିଏମ୍‌ସି ସାଂସଦ ପୂର୍ବ କ୍ରିକେଟର ୟୁସୁଫ ପଠାନଙ୍କ ଶ୍ୱଶୁର-ଶାଳକ ଗିରଫ

ନୂଆଦିଲ୍ଲୀ, ୨୧/୦୪; ମୁମ୍ବାଇର ପୁଲିସ ପୂର୍ବତନ ଭାରତୀୟ କ୍ରିକେଟର ଏବଂ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ୟୁସୁଫ୍ ପଠାନଙ୍କ ଶ୍ୱଶୁର ଓ ଶାଳକଙ୍କ ସମେତ ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି । ରିପୋର୍ଟ ଅନୁସାରେ, ଏହି ତିନି ଜଣଙ୍କୁ ଦୁଇ ଦିନ ପୂର୍ବରୁ ବାଇକୁଲା ଅଞ୍ଚଳରେ ଗିରଫ କରାଯାଇଥିଲା । ପୁଲିସ ଅନୁସାରେ, ସେମାନଙ୍କ ଉପରେ ଜଣେ ବ୍ୟକ୍ତି ଏବଂ ତାଙ୍କ ପରିବାର ଉପରେ ଆକ୍ରମଣ କରିବାର ଅଭିଯୋଗ ରହିଛି ।ମୁମ୍ବାଇ ପୁଲିସ କହିଛି ଯେ, ଅଭିଯୁକ୍ତମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୧୧୮(୨), ୧୧୫(୨),



୩୨୪, ୩୫୨, ୩୫୧(୨), ଏବଂ ୩(୫) ସମେତ ଧାରା ଅନୁଯାୟୀ ହେପାଜତକୁ ନେଇଛି । ଜଣେ ବ୍ୟକ୍ତି ଫେରାର୍ ଅଛନ୍ତି । ମାମଲା ଗଠନ ପାଇଁ ତଦନ୍ତକାରୀମାନେ ନିରୀକ୍ଷଣ ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଏବଂ ଭୌତିକ ପ୍ରମାଣର ମିଶ୍ରଣ ଉପରେ ନିର୍ଭର କରିଥିଲେ । ଆକ୍ରମଣରେ ବ୍ୟବହୃତ ହୋଇଥିବା ଅସ୍ତ୍ରଶସ୍ତ୍ର ଜବତ ହେବା ଦ୍ୱାରା ଅଭିଯୋଗକାରୀଙ୍କ ଦାବିକୁ ଦୃଢ଼ ବୋଲି ବିବେଚନା କରାଯାଇଥିବା ପୁଲିସ ଅଧିକାରୀ କହିଛନ୍ତି । ପୀଡିତଙ୍କ ଅଭିଯୋଗ ଅନୁସାରେ, ଛୋଟ କଥାରୁ ବଚସା ହୋଇଥିଲା । ସେମାନେ ପୀଡିତଙ୍କୁ ମାରପିଟ୍ କରିଥିବା ଅଭିଯୋଗ ହୋଇଛି । ଗାତ ପାଣି ଛିଟକିବାରୁ ଝଗଡ଼ା- ପୀଡିତ ବ୍ୟକ୍ତି ଜଣଙ୍କ ତାଙ୍କ କାର ଚଳାଉଥିଲେ, ଯେତେବେଳେ ତାଙ୍କର ଗୋଟିଏ ଚକ ଏକ ଗାତରେ ପଡିଯାଇଥିଲା । ସେଥିରେ ଜମିଥିବା ପାଣି ଛଟକି ପଡିଥିଲା । ଏହା ବିବାଦକୁ ଆହୁରି ତୀବ୍ର କରିଥିଲା, ଯାହା ଫଳରେ ଏକ ଝଗଡ଼ା ହୋଇଥିଲା । ଏହି ଘଟଣା ପରେ, ବାଇକୁଲା ପୁଲିସ ଷ୍ଟେସନ ୩ ଜଣଙ୍କୁ ଗିରଫ କରିଥିଲା ।

## ଆଫଗାନିସ୍ତାନ ଟେଷ୍ଟରେ ବରିଷ୍ଠଙ୍କୁ ବିଶ୍ରାମ !

ମୁମ୍ବାଇ: ଜୁନ ୬ରୁ ଆରମ୍ଭ ହେଉଥିବା ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର କେତେକ ବରିଷ୍ଠ ସଦସ୍ୟଙ୍କୁ ବିଶ୍ରାମ ଦିଆଯାଇ ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରିଥିବା ଏକାଧିକ ନବାଗତଙ୍କୁ ସୁଯୋଗ ଦିଆଯାଇପାରେ। ଏହି ଟେଷ୍ଟ ମ୍ୟାଚ୍‌ର ପଏଣ୍ଟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଗଣତିରେ ସାମିଲ ହେଉ ନ ଥିବାରୁ ବିସିସିଆଇ ଏପରି ଯୋଜନା କରୁଛି। ସୂଚନା ଅନୁସାରେ ଅଧିନାୟକ ଶୁବମନ ଗିଲ୍ ଓ ଦ୍ରୁତ ବୋଲର୍ ଯଶପ୍ରୀତ ବୁମରାଙ୍କୁ ଏହି ଟେଷ୍ଟରୁ ବିଶ୍ରାମ ଦିଆଯିବ। ଏପରିକି କେଏଲ୍ ରାହୁଲ ଓ ରବୀନ୍ଦ୍ର ଜାଡଜାଙ୍କୁ ବି ବିଶ୍ରାମ ଦିଆଯାଇପାରେ। ତାଙ୍କ ବଦଳରେ ବ୍ୟାଟର୍ ଦେବଦତ୍ତ ପଡିକଲ, ଗୁର୍‌ନୁର ବ୍ରାର, ମାନବ ସୁତାର ଓ ଦ୍ରୁତ ବୋଲର ଆକିବ୍ ନବିଙ୍କୁ ସୁଯୋଗ ଦିଆଯିବାର ସମ୍ଭାବନା ରହିଛି। ତେବେ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ବରିଷ୍ଠ ଖେଳାଳିଙ୍କୁ ସାମିଲ କରାଯିବ।

ଜୁନରେ ଆଫଗାନିସ୍ତାନ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ତିନିଟି ଦିନିକିଆ ଖେଳିବ। ଏହି ଦିନିକିଆଗୁଡ଼ିକ ଜୁନ ୧୪,୧୭ ଓ ୨୦ରେ ଖେଳାଯିବ। ଆଇପିଏଲ୍ ଫାଇନାଲ୍ ଓ ଆଫଗାନିସ୍ତାନ ଟେଷ୍ଟ ମଧ୍ୟରେ ବିଶେଷ ବ୍ୟବଧାନ ନ ଥିବାରୁ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯିବ। ଏହା ପରେ ଜୁନ ୨୬ରେ ଭାରତୀୟ ଆୟର୍ଲାଣ୍ଡ୍ ଗସ୍ତ କରି ଦୁଇଟି ଟ୍ୱେଣ୍ଟି-୨୦ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ